### ପାଚିକା-ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦାବି

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ

ଅନୁଗୋଳ,୨।୫(ସମିସ):




ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଯୋଜନାରେ କାର୍ଯ୍ୟରତ ପାଚିକା-ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ଏବଂ ସରକାରଙ୍କ ଘୋଷିତ ଦୈନିକ ସର୍ବନିମ୍ନ ମଜୁରି ପ୍ରଦାନ, ବର୍ଷକୁ ୧୦ମାସ ବଦଳରେ ୧୨ମାସର ଦରମା, ପ୍ରତି ମାସ ପ୍ରଥମ ସପ୍ତାହରେ ନିୟମିତ ଦରମା ପ୍ରଦାନ, ଛୁଟି, ପିଏଫ୍ ଏବଂ ଅବସରକାଳୀନ ପେନସନ ବ୍ୟବସ୍ଥା, ଦୁର୍ଘଟଣାର ଶିକାର ହେଉଥିବା ପାଚିକା-ସହାୟିକାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା, ୨୮ମାସର ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ, ନିଯୁକ୍ତି ଦିନଠାରୁ ବକେୟା ଥିବା ସମସ୍ତ ପ୍ରାପ୍ୟ ଏରିଅର୍ ଆକାରରେ ପ୍ରଦାନ, ମଧ୍ୟାହ୍ନଭୋଜନ ରନ୍ଧନ ଓ ବଣ୍ଟନ କାର୍ଯ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିୟୋଜିତ ନ କରିବା, ଶିଶୁବାଟିକା ଓ ନବମ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଅନୁପାତ ଅନୁଯାୟୀ ନୂତନ ପାଚିକା ନିଯୁକ୍ତି, ଛଟେଇ ହୋଇଥିବା ପାଚିକା-ସହାୟିକାଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର, ପାଚିକା-ସହାୟିକାଙ୍କ ପ୍ରତି ହେୟ ମନୋଭାବ ପୋଷଣ ବନ୍ଦ କରିବା, ବର୍ଷକୁ ଦୁଇହଳ ଶାଢ଼ି ପ୍ରଦାନ, ଅବସର ବୟସ ୬୫କୁ ବୃଦ୍ଧି ପ୍ରଭୃତି ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ପାଚିକା-ସହାୟିକା ସଂଘ ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୫୦୦ରୁ ଉର୍ଦ୍ଧ୍ୱ ପାଚିକା-ସହାୟିକା ସ୍ଥାନୀୟ ଗୋପବନ୍ଧୁ ପାର୍କଠାରୁ ଶୋଭାଯାତ୍ରାରେ ଅନୁଗୋଳ ବଜାର, ମେଡିକାଲ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଓଡ଼ିଶା ମିଳିତ ପାଚିକା-ସହାୟିକା ସଂଘ ଜିଲ୍ଲା ସଭାପତି ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସଂଘର ରାଜ୍ୟ ସଭାପତି ତଥା ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ଜୟସେନ ମେହେର, ସମ୍ପାଦକମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇ, ଜିଲ୍ଲା ସମ୍ପାଦିକା ବୁଲି ବାରିକ, ସଂଗଠିକା ଉତ୍କଳିକା ତ୍ରିପାଠୀ, ଶକୁନ୍ତଳା ସାହୁ, ଜ୍ୟୋତ୍ସ୍ନାମୟୀ ପାତ୍ର, ମୀନତୀ ସାହୁ, ଚମ୍ପାବତୀ ବାରିକ, ମହିଳା ସାଂସ୍କୃତିକ ସଂଗଠନର ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ, ମନ୍ଦୋଦରୀ ରାଉଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସରକାରଙ୍କ ବହୁ ପ୍ରଚାରିତ ପାଇଲଟ ପ୍ରୋଜେକ୍ଟ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାକୁ ପାଚିକା-ସହାୟିକାମାନେ ଦୀର୍ଘବର୍ଷ ଧରି ସରକାରୀ ବିଦ୍ୟାଳୟରେ ସଫଳତାର ସହ କାର୍ଯ୍ୟକାରୀ କରିଆସୁଛନ୍ତି। ପାଚିକା-ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା କିମ୍ବା ସରକାରଙ୍କ ଘୋଷିତ ଦୈନିକ ସର୍ବନିମ୍ନ ମଜୁରି ପ୍ରଦାନ ନ କରି ବର୍ଷ ବର୍ଷ ଧରି ସେମାନଙ୍କୁ ଶୋଷଣ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଯେଉଁ ସ୍ୱଳ୍ପ ମଜୁରି ପ୍ରଦାନ କରାଯାଉଛି ତାହା ପ୍ରତିମାସରେ ନ ଦେଇ ୩/୪ମାସରେ ଥରେ ଦିଆଯାଉଛି। ବର୍ଷକୁ ୧୨ମାସ ବଦଳରେ ୧୦ମାସ ମଜୁରି ଦେଇ ମହିଳା ସଶକ୍ତୀକରଣର ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ପାଚିକା-ସହାୟିକାଙ୍କୁ ପ୍ରତାରିତ କରୁଛନ୍ତି ବୋଲି ସେମାନେ ପ୍ରକାଶ କରିଥିଲେ। ବିକ୍ଷୋଭ ସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଶିକ୍ଷା ଅଧିକାରୀଙ୍କୁ ଭେଟି ୧୧ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ସରକାର ନ୍ୟାଯ୍ୟ ଦାବିକୁ ଉପେକ୍ଷା କଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ● ଶ୍ୟାମସୁନ୍ଦରପୁର ନାବାଳିକା ମୃତ୍ୟୁ ମାମଲା

## ‘ପୁଲିସ ସ୍ୱଚ୍ଛତାର ସହ କାର୍ଯ୍ୟ କରିଛି’

ଅନୁଗୋଳ,୨।୫(ସମିସ): ୨୦୨୫ ସେପ୍ଟେମ୍ବର ୭ ତାରିଖ ଅନୁଗୋଳ ସଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗାଁରେ ଏକ ଅଭାବନୀୟ ଘଟଣା ଘଟିଥିଲା। ସେପ୍ଟେମ୍ବର ୬ ତାରିଖ ଗାଁର ୧୦ ବର୍ଷର ନାବାଳିକା ସ୍କୁଲରୁ ଆସି ଘରକୁ ଫେରିବା ପରେ ଖେଳିବାକୁ ବାହାରକୁ ଯାଇ ନିଖୋଜ ହୋଇଯାଇଥିଲା। ବହୁ ଖୋଜା ଖୋଜି ପରେ ତା’ର ପତ୍ତା ମିଳି ନ ଥିଲା। ପରଦିନ ସକାଳେ ଗାଁ ଲୋକେ ନାବାଳିକା ମୃତଦେହ ପାଖ ନାଳରେ ଭାସୁଥିବା ଦେଖିଥିଲେ। ପାରିପାର୍ଶ୍ୱିକ ଅବସ୍ଥା ଦେଖି ସମସ୍ତେ ଏହାକୁ ଦୁଷ୍କର୍ମ ପରେ ହତ୍ୟା ବୋଲି ଧରି ନେଇଥିଲେ। ଅନୁଗୋଳ ଏସପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଦକ୍ଷ ପୁଲିସ ଅଫିସର ଘଟଣାର ଛାନଭିନ କରିଥିଲେ। ସାଇଣ୍ଟିଫିକ୍ ଟିମ୍, ଡଗ ସ୍କ୍ୱାଡ୍ ସହାୟତାରେ ତଦନ୍ତ କରାଯାଇଥିଲା। ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଥିଲା। ତେବେ ଟିକିନିଖି ତଦନ୍ତ ପରେ ଦୁଷ୍କର୍ମର କରାଯାଇ ନ ଥିବା ସ୍ପଷ୍ଟ ହୋଇଥିଲା। ତେବେ ଏଥିରେ ପରିବାର ଲୋକ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏକାଧିକ ବାର ରାସ୍ତାରୋକ ଏବଂ ଆନ୍ଦୋଳନ ମଧ୍ୟ ହୋଇଥିଲା। ମାମଲାକୁ କ୍ରାଇମ୍‌ବ୍ରାଞ୍ଚ କିମ୍ବା ସିବିଆଇକୁ ହସ୍ତାନ୍ତର ପାଇଁ ପରିବାର ପକ୍ଷରୁ ଅକ୍ଷୟ ସେଠ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ତଦନ୍ତ ଠିକ୍ ବାଟରେ ଯାଇନାହିଁ ବୋଲି ଅଭିଯୋଗ କରିଥିଲେ। କିନ୍ତୁ ହାଇକୋର୍ଟ ବିଚାରପତି ନ୍ୟାୟମୂର୍ତ୍ତି ସାବିତ୍ରୀ ରଥ ସମସ୍ତ ଦସ୍ତାବିଜ୍‌କୁ ଅନୁଧ୍ୟାନ କରି ପୁଲିସର ତଦନ୍ତ ସ୍ୱଚ୍ଛ ଓ ନିରପେକ୍ଷତାର ସହ ହୋଇଛି ବୋଲି କହିବା ସହ ଅନ୍ୟ କୌଣସି ସଂସ୍ଥାକୁ ଏ ମାମଲା ହସ୍ତାନ୍ତର କରିବା ଆବଶ୍ୟକତା ନାହିଁ ବୋଲି କହିଛନ୍ତି। ଶେଷରେ ଏହି ମାମଲାରେ ପୁଲିସକୁ କ୍ଲିନ୍‌ଚିଟ ମିଳିବା ସହ ତଦନ୍ତ ଅଧିକାରୀମାନେ ଆଶ୍ୱସ୍ତ ହୋଇଛନ୍ତି।

## ଅଜିତ ହେଲେ ଠାକୁରଗଡ଼ ପଞ୍ଚାୟତ ବିଜେପି ସଭାପତି

କିଶୋରନଗର,୨।୫(ସମିସ): ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଠାକୁରଗଡ଼ ମଣ୍ଡଳ ବିଜେପିର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଶକ୍ତିକେନ୍ଦ୍ର ପ୍ରମୁଖ ଚୟନ ପ୍ରକ୍ରିୟା ଶେଷ ହେବା ସହ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ସର୍ବସମ୍ମତି କ୍ରମେ ଅଜିତ୍ କୁମାର ମିଶ୍ରଙ୍କୁ ଠାକୁରଗଡ଼ ପଞ୍ଚାୟତ ସଭାପତି ଏବଂ ସୁନୀଲ କୁମାର ପ୍ରଧାନଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବ୍ଲକ ପ୍ରତିନିଧି ତଥା ମଣ୍ଡଳ ପ୍ରଭାରୀ ପ୍ରକାଶ ସାହୁ, ଠାକୁରଗଡ଼ ମଣ୍ଡଳ ସଭାପତି ସୁଜିତ୍ କୁମାର ଦେହୁରୀ ଏବଂ ପୂର୍ବତନ ମଣ୍ଡଳ ସଭାପତି ଅର୍ଜୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ● ସମ୍ବଲପୁର ବିଶ୍ୱବିଦ୍ୟାଳୟ +୩ ପରୀକ୍ଷା ଫଳ

## କଳ୍ପନା ସାହୁ ଉପଖଣ୍ଡରେ ଟପ୍ପର



କିଶୋରନଗର,୨।୫(ସମିସ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ +୩ ଶେଷବର୍ଷ ପରୀକ୍ଷାରେ କିଶୋରନଗର ସ୍ନାତକ ମହାବିଦ୍ୟାଳୟର ୧୨୫ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧୯ ଜଣ ପ୍ରଥମ ଶ୍ରେଣୀ ସମ୍ମାନ ଓ ଡିଷ୍ଟିଙ୍କସନରେ କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଆ ବିଭାଗରେ କଳ୍ପନା ସାହୁ, ରାଜନୀତି ବିଜ୍ଞାନରେ ଲୋପାମୁଦ୍ରା ପ୍ରଧାନ, ଇତିହାସରେ ପଦ୍ମିନୀ ପ୍ରଧାନ ଓ ଦର୍ଶନ ଶାସ୍ତ୍ରରେ ରୁକ୍ମିନୀ ମାଝୀ ମହାବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ବିଶ୍ୱବିଦ୍ୟାଳୟର ବିଭାଗୀୟ ପ୍ରଥମ ଦଶ ଜଣରେ ଓଡ଼ିଆର କଳ୍ପନା ସାହୁ ଓ ସୂର୍ଯ୍ୟମଣି ପ୍ରଧାନ, ଦର୍ଶନ ଶାସ୍ତ୍ରରେ ରୁକ୍ମିନୀ ମାଝୀ ସ୍ଥାନ ପାଇଛନ୍ତି। ଆଠମଲ୍ଲିକ ଉପଖଣ୍ଡରେ କଳ୍ପନା ସାହୁ ଟପ୍ପର ହୋଇଛନ୍ତି। କସ୍ତୁରୀବାହାଳ ଗାଁର ରମେଶ ସାହୁଙ୍କ ଝିଅ କଳ୍ପନା ୮୭.୭ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

### ■ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ

## ଅନୁଗୋଳ ଜିଲ୍ଲାରେ ପାସହାର ୯୫.୫୫ ପ୍ରତିଶତ



ଅନୁଗୋଳ,୨।୫(ସମିସ): ଶନିବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଅନୁଗୋଳ ଜିଲ୍ଲାରେ ମୋଟ ୯୫.୫୫ ପ୍ରତିଶତ ରେଜଲ୍ଟ ହୋଇଛି। ଜିଲ୍ଲାର ସମୁଦାୟ ୨୬୩ ସ୍କୁଲର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ୯୭ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା।

**ଏ-୧ରେ ୭୯, ଏ-୨ରେ ୫୨୮ ପରୀକ୍ଷାର୍ଥୀ ପାସ୍**

୧୬୯୪୨ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୪୩ଜଣ ଅନୁପସ୍ଥିତ ଥିବା ବେଳେ ୧୬୭୯୯ଜଣ ପରୀକ୍ଷା ଦେଇଥିଲେ। ମୋଟ ୧୬୦୫୨ ପରୀକ୍ଷାର୍ଥୀ ପାସ କରିଛନ୍ତି। ଏ-୧ରେ ୭୯ଜଣ, ଏ-୨ରେ ୫୨୮ଜଣ, ବି-୧ରେ ୧୪୯୦ଜଣ, ବି-୨ରେ ୨୮୩୯ଜଣ, ସି ଗ୍ରେଡ୍‌ରେ ୩୬୬୦ ଜଣ, ଡି ଗ୍ରେଡ୍‌ରେ ୪୧୮୧ ଜଣ, ଇ ଗ୍ରେଡ୍‌ରେ ୩୨୬୫ ଜଣ ପାସ କରିଛନ୍ତି। ସେହିପରି ୭୪୭ଜଣ ଫେଲ ହୋଇଛନ୍ତି। ପିଏମଶ୍ରୀ ଅନୁଗୋଳ ସରକାରୀ ହାଇସ୍କୁଲର ସର୍ବାଧିକ ୯୯ ପ୍ରତିଶତ ପାସହାର ରହିଛି। ବିଦ୍ୟାଳୟର ସିଲୋନୀ ସାହୁ (୫୬୫ ନମ୍ବର), ଆୟତ୍ତ କୁମାର ସାହୁ (୫୫୯ ନମ୍ବର), ଆଲୋକ ପ୍ରଧାନ (୫୪୬ ନମ୍ବର), ତୋଫାନ ପ୍ରଧାନ (୫୪୩ ନମ୍ବର), ବାବୁସାନ ପ୍ରଧାନ (୫୪୩ ନମ୍ବର), ଶୁଭ୍ରାଂଶୁ ସାହୁ (୫୪୦ ନମ୍ବର), ଶିବାନୀ ବେହେରା (୫୪୦ ନମ୍ବର), ଓ ମୋନିକା ସାମଲ (୫୪୦ ନମ୍ବର) ରଖି ଏ-୧ରେ ପାସ୍ କରିଛନ୍ତି। ବାଗେଡ଼ିଆ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଆଦ୍ୟାଶା ଆଚାର୍ଯ୍ୟ ୫୭୮ ନମ୍ବର (୯୬.୩୩ ପ୍ରତିଶତ) ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ସେହିପରି ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସିଲୋନୀ ସାହୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

### ● ହିଡିସିଙ୍ଗ ଜଳସେଚନ ପ୍ରକଳ୍ପ

## ପ୍ରଥମ ପର୍ଯ୍ୟାୟରେ ୨୮ କୋଟି ୭ ଲକ୍ଷ ଟଙ୍କା ମଞ୍ଜୁର

ଅନୁଗୋଳ,୨।୫(ସମିସ): ଅନୁଗୋଳ ବନ୍ତଲା ଅଞ୍ଚଳ ଏକ କୃଷି ପ୍ରଧାନ ଅଞ୍ଚଳ। ଅଞ୍ଚଳବାସୀଙ୍କ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଧରି ଦାବି ଥିବା ହିଡିସିଙ୍ଗ ଜଳସେଚନ ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ପରିବେଶ ଅନୁମୋଦନ ମିଳିବା ପରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ଓଡ଼ିଶା

**ଜନଶୁଣାଣି ପାଇଁ ତାରିଖ ଧାର୍ଯ୍ୟ**

ବିଧାନସଭାର ବଜେଟ୍ ଅଧିବେଶନରେ ପ୍ରକଳ୍ପକୁ ଅର୍ଥ ଅନୁମୋଦନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହି କ୍ରମରେ ରାଜ୍ୟ ସରକାର ହିଡିସିଙ୍ଗ ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ୨୮ କୋଟି ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନୁମୋଦନ କରିବା ସହ ଆସନ୍ତା ଜୁନ୍ ୧୮ ତାରିଖ ପୂର୍ବାହ୍ନ ୧୧ଟାରେ କରଡ଼ାସିଙ୍ଗଠାରେ ଜନଶୁଣାଣି ପାଇଁ ତାରିଖ ସ୍ଥିର ହୋଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଓ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି। ଦୃଢ଼ ଇଚ୍ଛାଶକ୍ତି ଓ ଜନସମର୍ଥନ ଥିଲେ ସବୁ କାର୍ଯ୍ୟ ସମ୍ଭବ ବୋଲି ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ କହିଛନ୍ତି।

## ଦୋକାନକୁ ଧକ୍କାଦେଇ ପୋଖରୀରେ ପଶିଗଲା କାର୍

କିଶୋରନଗର,୨।୫(ସମିସ): କିଶୋରନଗର ଥାନା ବାମୁର ରେଲୱେ ଫାଟକ ନିକଟରେ ଶୁକ୍ରବାର ଏକ କାର ଦୋକାନ ଘର ଭିତରେ ପଶିବା ସହ ପୋଖରୀରେ ପଶି ଦୁର୍ଘଟଣାଗ୍ରସ୍ତ



ହୋଇଛି। ବାମୁର ପଟରୁ କିଶୋରନଗର ଆଡ଼କୁ ଦ୍ରୁତଗତିରେ ଆସୁଥିବା ଏହି କାର ରେଲୱେ ଫାଟକ ବାଙ୍କ ନିକଟରେ ଭାରସାମ୍ୟ ହରାଇ ସେଠାରେ ଥିବା ଏକ ଦୋକାନ ଘର ଭିତରେ ପଶିବା ସହ ଏକ ଟ୍ରଲିକୁ ଧକ୍କା ଦେଇ ପୋଖରୀ ଭିତରେ ପଶି ଯାଇଥିଲା। ସ୍ଥାନୀୟ ଲୋକେ ଚାଳକଙ୍କୁ ଉଦ୍ଧାର କରିଥିବା ବେଳେ ସେ ସୁରକ୍ଷିତ ଥିବା ଜଣାପଡ଼ିଛି।

## କଲେଜ ଅଧକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଆଠମଲ୍ଲିକ,୨।୫(ସମିସ): ଆଠମଲ୍ଲିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତ୍ରିଲୋଚନ ପ୍ରଧାନଙ୍କୁ ଗୁରୁବାର କଲେଜ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଗୋପବନ୍ଧୁ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦାୟୀ ଅଧ୍ୟକ୍ଷ ଡ. ପ୍ରଧାନଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଆଲୋଚନା ହୋଇଥିଲା। ଅଧ୍ୟାପକ, କର୍ମଚାରୀଙ୍କ ପକ୍ଷରୁ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରାଯାଇଛି। ଅର୍ଥନୀତି ବିଭାଗ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅମ୍ବରୀଶ ଷଡ଼ଙ୍ଗୀ, ଗଗନ କୁମାର ମିଶ୍ର, ମନ୍ମଥ ପାଲ, ହୃଷୀକେଶ ମହାକୁଡ଼, କ୍ଷୀରୋଦ ପ୍ରଧାନ, ବ୍ରଜଗୋପାଳ ମିଶ୍ର, ଅଧ୍ୟାପିକା ଅମ୍ରିତା ଅଞ୍ଜଳି ଗୁରିଆ, ମୁଖ୍ୟ କିରାଣୀ ଭୁବନ ମୋହନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ

## ୬୫୨ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ



ଅନୁଗୋଳ,୨।୫(ସମିସ): ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସଭାଘର ପରିସରରେ ଶୁକ୍ରବାର ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କୁ ଦେଶର ପ୍ରକୃତ ବିନ୍ଧାଣୀ ଭାବେ ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ସରକାରଙ୍କ ଜନମଙ୍ଗଳକାରୀ ଯୋଜନା ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ୬୫୨ ହିତାଧିକାରୀଙ୍କୁ ୩ କୋଟି ୬୧ ଲକ୍ଷ ୩୫ ହଜାର ୮୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ୮୩ ଜଣଙ୍କୁ ୯ ଲକ୍ଷ ୫୫ ହଜାର ୮୦୦ ଟଙ୍କା ଶିକ୍ଷା ସହାୟତା, ୪୫୯ ଜଣଙ୍କୁ ୨ କୋଟି ୨୯ ଲକ୍ଷ ୫୦ ହଜାର ଟଙ୍କା ବିବାହ ସହାୟତା, ୩୬ ଜଣଙ୍କୁ ୩ ଲକ୍ଷ ୬୦ ହଜାର ପ୍ରସୂତିକାଳୀନ ସହାୟତା, ୩୯ ଜଣଙ୍କୁ ୧ କୋଟି ୧୫ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା, ୩୪ ଜଣଙ୍କୁ ୧ ଲକ୍ଷ ୭୦ ହଜାର ଟଙ୍କା ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ସହ ଜଣେ ଅଣସଂଗଠିତ ଶ୍ରମିକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇଛି। ୧୦୦ ନିର୍ମାଣ ଶ୍ରମିକ ଏବଂ ୨୦୦ ଅଣସଂଗଠିତ ଶ୍ରମିକଙ୍କୁ ଅତିଥିମାନେ ପରିଚୟପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଯୁଗ୍ମ ଶ୍ରମ ଆୟୁକ୍ତ କୁବେର ବେହେରା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ଲିରିକା ରାୟ, ଅନୁଗୋଳ ସହକାରୀ ଶ୍ରମ ଅଧିକାରୀ ଦେବପ୍ରସାଦ ମହାନ୍ତିଙ୍କ ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରମିକ ଉପସ୍ଥିତ ଥିଲେ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କିଶୋରନଗର,୨।୫(ସମିସ): କିଶୋରନଗର ଉଚ୍ଚମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦିଲୀପ କୁମାର ମହାରଣାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଅକ୍ଷୟ କୁମାର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବକ୍ତାମାନେ କହିଥିଲେ ଯେ ଦିଲୀପ ଜଣେ ଛାତ୍ରବତ୍ସଳ, ମେଳାପୀ, ସ୍ନେହୀ ଶିକ୍ଷକ ଭାବେ ପରିଚିତ ଥିଲେ। ତାଙ୍କ ପ୍ରଚେଷ୍ଟାରେ ଅନେକ ଛାତ୍ରଛାତ୍ରୀ ଜାତୀୟ କ୍ରୀଡ଼ାରେ ସଫଳତା ହାସଲ କରି ଅନେକ ପଦପଦବୀରେ ଅବସ୍ଥାପିତ ଅଛନ୍ତି। ଏହି ଅବସରରେ ଦିଲୀପଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରନ୍ଥାଗାରିକ ଦେବରାଜ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ୪ ତାରିଖ କିଶୋରନଗରରେ ଜିଲ୍ଲାପାଳଙ୍କ ଜନଶୁଣାଣି

କିଶୋରନଗର,୨।୫(ସମିସ): କିଶୋରନଗର ବ୍ଲକରେ ଆସନ୍ତା ୪ ତାରିଖ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜନଶୁଣାଣିରେ ଜିଲ୍ଲା ଓ ଆଠମଲ୍ଲିକ ଉପଖଣ୍ଡର ଶିକ୍ଷା, ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ ଓ ପାନୀୟ ଜଳ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସମ୍ପଦ, ଉଠା ଜଳସେଚନ, ବିଦ୍ୟୁତ, କୃଷି, ପ୍ରାଣୀସମ୍ପଦ, ମତ୍ସ୍ୟ, ଉଦ୍ୟାନ କୃଷି, ଯୋଗାଣ, ମହିଳା ଓ ଶିଶୁବିକାଶ, ମିଶନ ଶକ୍ତି, ରାଜସ୍ୱ ଆଦି ବିଭିନ୍ନ ବିଭାଗର ପଦାଧିକାରୀ ଯୋଗଦେଇ ନିଜ ବିଭାଗର ସମସ୍ୟା ଉପରେ ଆସିବାକୁ ଥିବା ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିବେ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସକାଳୁ ଏହି ଶିବିର ଅନୁଷ୍ଠିତ ହେବ। ଶିବିରରେ ଜନସାଧାରଣ ଯୋଗଦେଇ ନିଜ ଅଭିଯୋଗ କରିପାରିବେ।

## ବଇଣ୍ଡା ଚନ୍ଦନ ଯାତ୍ରା ପ୍ରସ୍ତୁତି

ବଇଣ୍ଡା,୨।୫(ସମିସ): କିଶୋରନଗର ବ୍ଲକ ବଇଣ୍ଡାଠାରେ ୭ ତାରିଖ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ଶନିବାର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜନତା ମହାବିଦ୍ୟାଳୟ ପରିସରରେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କିଶୋରନଗର ତହସିଲଦାର ବିକ୍ରମ ନାୟକ, ଜାତୀୟ ରାଜପଥ ବିଭାଗ ସମ୍ବଲପୁରର ସିନିଅର ମ୍ୟାନେଜର ସୁନୀଲ ପୂଜାରୀ, ଏବିଡିଓ ଦିଲୀପ କୁମାର ପ୍ରଧାନ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ମାନସ ସାହୁ, ମାନସ ରଞ୍ଜନ ସାହୁ, ବିନୀତ ସାହା, ରାଜେନ୍ଦ୍ର ସାହୁ, ଜମ୍ବେଶ୍ୱର ସାହୁ, ବଇଣ୍ଡା ରାଜସ୍ୱ ଅଧିକାରୀ ପ୍ରଦୀପ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଭୁବନେଶ୍ୱରୀ ନାୟକଙ୍କ ସମେତ ଅଞ୍ଚଳବାସୀ ଯୋଗଦେଇଥିଲେ। ଏହି ପ୍ରସିଦ୍ଧ ଯାତ୍ରାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ପାଇଁ ଆଲୋଚନା ହୋଇଥିଲା। ଭାଙ୍ଗିଯାଇଥିବା ସମସ୍ତ ଡ୍ରେନ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପାଇ ଜାତୀୟ ରାଜପଥ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସମସ୍ତ ଷ୍ଟ୍ରିଟଲାଇଟ ମରାମତି ସହ ଫ୍ଲାଏଓଭର ବ୍ରିଜରେ ଲାଗିଥିବା ସମସ୍ତ ବିଜ୍ଞପନ ହୋର୍ଡିଂ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କାଳବୈଶାଖୀରେ ଅନେକ ବିଜ୍ଞାପନ ହୋର୍ଡି କ୍ଷତିଗ୍ରସ୍ତ ହୋଇଥିବା ବେଳେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ତୁରନ୍ତ ସେଗୁଡ଼ିକୁ ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ୬ଦଫା ଦାବିରେ ସାମ୍ବାଦିକଙ୍କ ବିକ୍ଷୋଭ

# କଳା ବ୍ୟାଜ୍ ପିନ୍ଧି ବିରୋଧ ପ୍ରଦର୍ଶନ

କଣିହାଁ,୨।୫(ସମିସ):



ଶ୍ରମିକ ଦିବସ ଅବସରରେ କଣିହାଁରେ ସେବା ଓ ପ୍ରତିବାଦର ଚିତ୍ର ଦେଖିବାକୁ ମିଳିଛି। ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର ଓ ସମ୍ପାଦକ ବେଣୁଧର ପଣ୍ଡାଙ୍କ ଆହ୍ୱାନ କ୍ରମେ ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଓ ରାଜ୍ୟ ଉପସଭାପତି ଆଇନଜୀବୀ ଡ. ରଶ୍ମିରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶରେ ଉତ୍କଳ ସାମ୍ବାଦିକ ସଂଘ କଣିହାଁ ଶାଖା ସଭାପତି କଷ୍ଟଚରଣ ସାମଲଙ୍କ ନେତୃତ୍ୱରେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାସହ ରାଜ୍ୟର କାର୍ଯ୍ୟରତ ସାମ୍ବାଦିକମାନଙ୍କ ୬ଦଫା ଦାବି ନେଇ ସରକାରଙ୍କ ସାମ୍ବାଦିକ ମାରଣା ନୀତି ବିରୋଧରେ ଗତ ୩୦ ତାରିଖ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଶନିବାର କଣିହାଁ ବ୍ଲକ ସମେତ ବିଭିନ୍ନ କାର୍ଯ୍ୟାଳୟ ସମ୍ମୁଖରେ ସାମ୍ବାଦିକମାନେ କଳା ବ୍ୟାଜ୍ ପିନ୍ଧି ନିରବ ପ୍ରତିବାଦ କରିଥିଲେ।

କାର୍ଯ୍ୟକ୍ରମରେ ପ୍ରାକ୍ତନ ଉପାଧ୍ୟକ୍ଷ ତଥା ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ପିଏମଶ୍ରୀ ପିଏମ ହାଇସ୍କୁଲ ଅଧ୍ୟକ୍ଷ ସିଦ୍ଧପ୍ରସାଦ ସାହୁ, ଡ. ସିଏସକେ ମିଶ୍ର, ମଣ୍ଡଳ ସଭାପତି ସୁଶାନ୍ତ କୁମାର ସାମଲ, ପ୍ରାକ୍ତନ ସଭାପତି ଦେବେନ୍ଦ୍ର ବାରିକ, ପ୍ରଜାମଣ୍ଡଳ ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ସଭାପତି ବିନାୟକ ପ୍ରଧାନ ଓ ସମ୍ପାଦକ କ୍ଷୀରସିନ୍ଧୁ ସେଠୀଙ୍କ ସହ ମେଡିକାଲ ସ୍ୱାସ୍ଥ୍ୟକର୍ମୀମାନେ ଫଳ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ସଂଘ କଣିହାଁ ଶାଖା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ଧର, ଉପସଭାପତି ଓ ଜିଲ୍ଲା ସମ୍ପାଦକ ଟୁନା ସାହୁ, ଉପସଭାପତି ଅଲେଖ ଭୂତିଆ, କୋଷାଧ୍ୟକ୍ଷ ମହେଶ୍ୱର ନାୟକ, ନୀଳକଣ୍ଠ ବେହେରା, ନିରୋଜ ପ୍ରଧାନ, ଜଳଧର

**ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ**

ବେହେରା, ହେମନ୍ତ ପ୍ରଧାନ, ଟିକନ ସାହୁ, ବବଲୁ କୁମାର ପ୍ରଧାନ, ସୁବାସ ମହାନ୍ତି, ଶିଶିର ସାମଲ, ସୁଶୀଲ ନାଏକ, ପ୍ରଦୀପ ସାହୁ, ଜନ୍ମେଜୟ ରାଉତ, ଭାଗୀରଥି ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ପରମାନନ୍ଦ ସାହୁ, ରଜନୀକାନ୍ତ ମହାରଣା, ବାପୁନ ସାହୁ, ସନ୍ତୋଷ ନାଏକ ପ୍ରମୁଖ ସାମ୍ବାଦିକ ସାମିଲ ହୋଇଥିଲେ।

## କାବେରା ଗ୍ରାମରେ ଚନ୍ଦନ ଯାତ୍ରା



**ଗଁଦିଆ,୨।୫(ସମିସ):** ଗଁଦିଆ ବ୍ଲକ ଅନ୍ତର୍ଗତ ବ୍ରଜନାଥ ବଡଜେନାଙ୍କ ଜନ୍ମ ସ୍ଥାନ ତଥା ସଂସ୍କୃତି ସମ୍ପର୍ଣ୍ଣ ଗ୍ରାମ କାବେରା ଠାରେ ଏଗାରତମ ବାର୍ଷିକ ଚନ୍ଦନ ଯାତ୍ରା ଉତ୍ସବ ତଥା ପାଞ୍ଚ ଦିନ ବ୍ୟାପୀ ବାଦୀ ପାଲା ଅନୁଷ୍ଠିତ ହୋଇଯାଇଛି। ୨୭ ଏପ୍ରିଲ ଠାରୁ ମେ ୧ ତାରିଖ ଯାଏ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରୀ ମଦନ ମୋହନ ଜୀଉଙ୍କର ଗ୍ରାମର କୁଣ୍ଡି ପୋଖରୀରେ ଚାପ ଖେଳ ଅନୁଷ୍ଠିତ ହେଉଥିଲା। କୁହାଯାଏ ଦୋଳରେ ଦୋଳ ଗୋବିନ୍ଦ, ଚାପରେ ମଧୁ ସୁଦନ ଏବଂ ରଥରେ ପ୍ରଭୁଙ୍କ ବାମନ ରୁପକୁ ଦର୍ଶନ କଲେ ପୁନର୍ଜନ୍ମ ହୋଇନଥାଏ। ସେଥିପାଇଁ ପ୍ରତ୍ୟହ ଗ୍ରାମ ତଥା ଆଖ ପାଖ ଗ୍ରାମରର ଶତାଧିକ ଶ୍ରଦ୍ଧାଳୁ ପ୍ରଭୁଙ୍କ ଚାପ ଦର୍ଶନ ପାଇଁ ଆସନ୍ତି। ପୂଜକ ଆଲୋକ ନନ୍ଦ ପଞ୍ଚପଚାର ପୂଜା ସହ ପ୍ରଭୁଙ୍କର ସ୍ନାନ ମାର୍ଜନ ଓ ନୂତନ ବସ୍ତ୍ରଲାଗି ଆଦି ପୂଜାବିଧି ସମ୍ପନ୍ନ କରିଥିଲେ। ପାଲିଆ ସେବକ ଅର୍ଜୁନ ରାଉଳ ଓ ଚାପ ସେବକ ବସୁଦେବ ମହାନ୍ତି, ଶ୍ରୀକାନ୍ତ ନାୟକ ପ୍ରମୁଖ ପ୍ରଭୁଙ୍କ ଏହି ନୀତିରେ ସାମିଲ ହୋଇଛନ୍ତି। ଯାତ୍ରା କମିଟି ତରଫରୁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଖୋଲ କୀର୍ତ୍ତନ ସହ ପ୍ରଭୁଙ୍କୁ ବିମାନରେ ବସାଇ ପୁଷ୍କରିଣୀରେ ଚାପ ଖେଳା ଯାଇଥାଏ। ଚନ୍ଦନ ଯାତ୍ରା କମିଟିର ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ସମ୍ପାଦକ ବିଶ୍ୱନାଥ ନାୟକ, କୋଷାଧ୍ୟକ ପ୍ରତାପ କୁମାର ରାଉତ, ଯାତ୍ରା କମିଟିର ସଦସ୍ୟଗଣ ଓ ଶାନ୍ତି କମିଟିର ଯୁବ ସଦସ୍ୟଗଣ ପରିଚାଳନା କରିଥିଲେ। ଗ୍ରାମ ପରିଚାଳନା କମିଟିର ସଭାପତି ବ୍ରହ୍ମାନନ୍ଦ ନାୟକ, ସମ୍ପାଦକ ଚନ୍ଦନ କୁମାର ରାଉଳ, ପରିଚାଳନା କମିଟିର ସଦସ୍ୟଗଣ, ବ୍ରଜନାଥ ବଡ଼ଜେନା ଯୁବକ ସଂଘ ସଭାପତି ମନୋଜ କୁମାର ସେଠୀ, ସଂଘ ଆବାହକ ମନୋଜ କୁମାର ମହାନ୍ତି, ବିଶ୍ୱଜିତ ମହାନ୍ତି ଓ ସଂଘର କର୍ମକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ।

## ବଜ୍ରପାତରେ ଜଣେ ମୃତ

**କାମାକ୍ଷାନଗର,୨।୫(ସମିସ):** କାମାକ୍ଷାନଗର ଥାନା ରାଇବୋଲ ଗ୍ରାମରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମର ହୃଷୀକେଶ ସାହୁ। ହୃଷୀକେଶ ନିଜ ବଗିଚାକୁ ଯାଇଥିବା ବେଳେ ଅଚାନକ କାଳବୈଶାଖୀ ଜନିତ ବର୍ଷା ଓ ବଜ୍ରପାତ ହୋଇଥିଲା। ତାଙ୍କ ବଗିଚାରେ ଥିବା ଘର ପବନରେ ଭାଙ୍ଗିଯାଇଥିବା ବେଳେ ହୃଷୀକେଶଙ୍କ ଉପରେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ସରପଞ୍ଚ ଶାନ୍ତନୁ କୁମାର ସାହୁ ପରିବାର ନିକଟରେ ପହଞ୍ଚି ଶାନ୍ତ୍ୱନା ପ୍ରଦାନ କରିଛନ୍ତି।

## ବାଇକ୍-ସ୍କୁଟି ମୁହାମୁହିଁ ଧକ୍କା, ୨ ଆହତ

**ପରଜଙ୍ଗ,୨।୫(ସମିସ):** ପରଜଙ୍ଗ ଥାନା ଅଧୀନ ପୂର୍ତ୍ତ ବିଭାଗ ରାସ୍ତାର ଖଣ୍ଡିଆବନ୍ଧ ପାଖରେ ଶୁକ୍ରବାର ସନ୍ଧ୍ୟାରେ ବାଇକ୍-ସ୍କୁଟି ମୁହାମୁହିଁ ଧକ୍କା ହୋଇ ଦୁଇଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଗଇଲୋ ଗ୍ରାମର ବିକାଶ ସାହୁ ଓ କନ୍ଦରସିଂହା ଗ୍ରାମର ସନୁ ସାହୁ। ବିକାଶ ଏକ ସ୍କୁଟିରେ ପରଜଙ୍ଗରୁ ହାତୀଲୁଟାଣି ଆଡ଼କୁ ତେଲ ପକାଇବାକୁ ଯାଉଥିବା ବେଳେ ସାମ୍ନାରୁ ରାସ୍ତାର ଡାହାଣ ପାର୍ଶ୍ୱରେ ବାଇକ ଧରି ଆସୁଥିବା ସନୁଙ୍କ ସହ ଧକ୍କା ହୋଇଥିଲା। ଦୁଇଜଣଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପରଜଙ୍ଗ ଥାନା ଏଏସଆଇ ଜଳନ୍ଧର ବାରିକ ଗାଡ଼ି ଦୁଇଟି ଜବତ କରି ତଦନ୍ତ ଜାରି ରଖିଛନ୍ତି।

● ସାପୁଆ ଡ୍ୟାମରେ ପଶିଲା କାର୍

## ଜଣେ ମୃତ, ୩ ପର୍ଯ୍ୟଟକ ଆହତ

**ହିନ୍ଦୋଳ,୨।୫(ସମିସ):** ହିନ୍ଦୋଳ ଥାନା ଅନ୍ତର୍ଗତ ସାପୁଆ ଡ୍ୟାମରେ ଏକ କାର ପଶିଯିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଭୁବନେଶ୍ୱର ପାତ୍ରପଡ଼ା କଳିଙ୍ଗବିହାର ଅଞ୍ଚଳରେ ରହୁଥିବା ପ୍ରସନ୍ନ ମହାରଣା (୭୦)। ଏହି ଦୁର୍ଘଟଣାରେ ଓ ଅନ୍ୟ ତିନିଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସତ୍ୟଜିତ ନାୟକ, ରଞ୍ଜନ ସାହୁ ଓ ସତ୍ୟବ୍ରତ ପାଟଶାଣୀ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି। ଏମାନେ ହିନ୍ଦୋଳ ଉପଖଣ୍ଡ ଦଣ୍ଡିରୀ ପଞ୍ଚାୟତସ୍ଥିତ ପର୍ଯ୍ୟଟନସ୍ଥଳୀ ସାପୁଆଡ୍ୟାମକୁ ଭୋଜି କରିବାକୁ ଆସିଥିଲେ। ଅପରାହ୍ନରେ ଗାଧୋଇବାକୁ ଡ୍ୟାମର ଉପରମୁଣ୍ଡ ଆଡ଼କୁ କାରରେ ଯାଉଥିବା ବେଳେ କାର ଭାରସାମ୍ୟ ହରାଇ ଡ୍ୟାମ ଭିତରେ ପଶିଯାଇଥିଲା। ସେଥିରେ ବସିଥିବା ୩ଜଣ କୌଣସି ମତେ ବାହାରି ଆସିଥିବାବେଳେ ପ୍ରସନ୍ନ ଗାଡ଼ି ସହ ବୁଡ଼ିଯାଇଥିଲେ। ରସୋଳ ଅଗ୍ନିଶମ କର୍ମଚାରୀ ସମସ୍ତଙ୍କୁ ଉଦ୍ଧାରକରି ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ଆଣିଥିଲେ। ମାତ୍ର ଡାକ୍ତର ପ୍ରସନ୍ନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି। ହିନ୍ଦୋଳ ଉପଖଣ୍ଡର ମାନ ବଢ଼ାଇଥିବା ସାପୁଆ ପର୍ଯ୍ୟଟନସ୍ଥଳୀରେ ବିପୁଳ ଟିକସ ଆଦାୟ ହେଉଥିଲେ ହେଁ ପ୍ରଶାସନର ଚରମ ଅବହେଳା ଏବଂ ପର୍ଯ୍ୟଟନ ବିଭାଗର ବୈମାତୃକ ମନୋଭାବ ପାଇଁ ଏଠାରେ ବାରମ୍ବାର ଅଘଟଣ ଘଟି ଚାଲିଛି। ଏ ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିବାସହ ସୁରକ୍ଷା ବ୍ୟବସ୍ଥା ପାଇଁ ଦାବି କରିଛନ୍ତି।

ମାଟ୍ରିକ ପରୀକ୍ଷା ଫଳ, ୧୫ ହଜାର ୪୦୪ ଛାତ୍ରଛାତ୍ରୀ ପାସ୍

# ଢେଙ୍କାନାଳରେ ପାସହାର ୯୪.୫୩ ପ୍ରତିଶତ

**ଢେଙ୍କାନାଳ,୨।୫(ସମିସ):**

ଢେଙ୍କାନାଳ ଜିଲ୍ଲାରେ ଚଳିତ ବର୍ଷ ୯୫ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୬ ହଜାର ୨୯୬ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫ ହଜାର ୪୦୪ ଜଣପାସ କରିଥିବା ବେଳେ ଜିଲ୍ଲାରେ ପାସ ପ୍ରତିଶତ ୯୪.୫୩ ପ୍ରତିଶତ ହୋଇଛି। ଜିଲ୍ଲାରେ ଏ୧ରେ ୭୭ ଜଣ ପାସ କରିଥିବାର ଜଣାପଡିଛି।

ଢେଙ୍କାନାଳ ଜିଲ୍ଲାର ୯୫ଟି ପରୀକ୍ଷା କେନ୍ଦ୍ରରେ ୨୬୯ଟି ବିଦ୍ୟାଳୟର ୧୬ ହଜାର ୨୯୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୪୬ଜଣ ଅନୁପସ୍ଥିତ ରହିଥିଲେ। ମୋଟ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରୁ ୧୫ ହଜାର ୪୦୪ଜଣ ପାସ କରିଥିବା ବେଳେ ୭ ହଜାର ୯୮୩ଜଣ ପୁଅ ଓ ୭ ହଜାର ୪୨୧ଜଣ ଛାତ୍ରୀ ପାସ କରିଥିବାର ଜଣାପଡିଛି। ପାସ ହାର ୯୪.୫୩ ରହିଛି। ଚଳିତ ବର୍ଷ ଏ-୧ ରେ୭୭ଜଣ, ଏ-୨ରେ ୪୮୪ଜଣ, ବି-୧ରେ୧ହଜାର ୩୦୩ଜଣ, ବି-୨ରେ ୨ ହଜାର ୭୪୩ଜଣ, ସି ଗ୍ରେଡରେ୩ ହଜାର ୯୦୯ଜଣ ଡିଗ୍ରେଡରେ ୪ ହଜାର ୧୮୩ଜଣ, ଇ ଗ୍ରେଡରେ ୨ ହଜାର ୭୦୫ଜଣ, ଏବଂ ଏଫ ଗ୍ରେଡରେ ୮୯୨ ଜଣ ପାସ କରିଥିବାର ଜଣାପଡିଛି। ଚଳିତ ବର୍ଷ ଜିଲ୍ଲାରେ ମୋଟ ୨୬୯ଟି ବିଦ୍ୟାଳୟ ଓ ୯୫ଟି ପରୀକ୍ଷା କେନ୍ଦ୍ରରେ ୧୬ହଜାର ୭୭୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ନାମ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୬ ହଜାର ୩୪୫ ଜଣ ପରୀକ୍ଷାଦେଇଥିବା ବେଳେ ୨୬୯ଜଣ ଅନୁପସ୍ଥିତ ରହିଥିଲେ। ମୋଟ ୯୫ଟି ପରୀକ୍ଷାକେନ୍ଦ୍ର ମଧ୍ୟରୁ ଢେଙ୍କାନାଳ ସଦର ବ୍ଲକରେ ୧୬ଟି କେନ୍ଦ୍ର ରହିଥିବା ବେଳେ ଭୁବନ ବ୍ଲକରେ ୧୧ଟି କେନ୍ଦ୍ର, ଗଁଦିଆ ବ୍ଲକରେ ୧୨ଟି, ହିନ୍ଦୋଳ ବ୍ଲକରେ ୧୨ଟି, କାମାକ୍ଷାନଗର ବ୍ଲକରେ ୧୨ଟି, କଙ୍କଡାହାଡ ବ୍ଲକରେ ୯ଟି କେନ୍ଦ୍ର, ଓଡାପଡ଼ା ବ୍ଲକରେ ୧୩ଟି କେନ୍ଦ୍ର, ପରଜଙ୍ଗ ବ୍ଲକରେ ୧୦ଟି କେନ୍ଦ୍ର କରାଯାଇଥିଲା। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଏ-୧ରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ ରହିଛି। କିନ୍ତୁ ରାଜ୍ୟରେ ଢେଙ୍କାନାଳ ଜିଲ୍ଲା ୨୯ତମ ସ୍ଥାନରେ ରହିଥିବାର ଜଣାପଡିଛି।

ଖଜୁରିଆକଟା ଶିଶୁ ବିଦ୍ୟାମନ୍ଦିର

## ଏ-୧ରେ ୧୧ ଛାତ୍ରଛାତ୍ରୀ ପାସ୍

**ଢେଙ୍କାନାଳ,୨।୫(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଖଜୁରିଆକଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୧ ଜଣ ଛାତ୍ରଛାତ୍ରୀ ଏ-୧ରେ ପାସ କରିଥିବାର ଜଣାପଡିଛି। ବିଦ୍ୟାଳୟରମୋଟ ୪୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏ-୧ରେ ୧୧ ଜଣ, ଏ-୨ରେ ୨୪ଜଣ, ବି-୧ରେ ୧୦ ଏବଂ ବି-୨ରେ ୨ଜଣ ଏଭଳି ମୋଟ ୪୭ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ମାନସ ରଞ୍ଜନ ନାଥ ୫୭୫ ନମ୍ବର ରଖିଥିବା ବେଳେ ଆର୍ଯ୍ୟାଶ୍ରୀ ପତି ୫୫୪, ପାୟଲ ନନ୍ଦ ୫୫୧, ଶ୍ୱେତପଦ୍ମା ପାଲ ୫୫୦, କ୍ରୀଷ୍ଣା ଦାଶ ଓ ଜେସଲି ସାମଲ ୫୪୬, ରିତେଶ ଦେହୁରୀ ୫୪୩, ପିୟୁଶ ବିଶ୍ୱାଳ, ବିଶ୍ୱଜିତ ସାହୁ, ସୁଶ୍ରୀ ସଙ୍ଗୀତା ପ୍ରଧାନ ଓ ଲୋସନା ରାଣୀ ସାହୁ ୫୪୦ ନମ୍ବର ରଖି ଏ-୧ରେ ପାସ କରିବା ସହିତ ବିଦ୍ୟାଳୟର ସୁନାମ ଆଣିଛନ୍ତି। ସମସ୍ତ ଛାତ୍ରୀଛାତ୍ରୀଙ୍କୁ ପରିଚାଳନା ସମିତି ଏବଂ ଗୁରୁଜୀ ଗୁରୁମା ମାନେ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

● କାନପୁରା ପଞ୍ଚାୟତିରାଜ ହାଇସ୍କୁଲର ଶତ ପ୍ରତିଶତ ସଫଳତା

## ଅରଣ୍ୟ ଓ ଅମନ ଜିଲ୍ଲା ଟପ୍ପର

**କାମାକ୍ଷାନଗର,୨।୫(ସମିସ):** ଶନିବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି।





୨୬ ଜଣ ଏ-୧ ଗ୍ରେଡ୍‌ରେ ପାସ୍

କାମାକ୍ଷାନଗର ସନ୍ନିକଟ କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ଚଳିତବର୍ଷ ପରୀକ୍ଷା ଦେଇଥିବା ମୋଟ ୨୦୭ ଜଣଙ୍କ ମଧ୍ୟରୁ, ଏ-୧ ଗ୍ରେଡରେ ୨୬, ଏ-୨ରେ ୫୯, ବି-୧ରେ ୬୧, ବି-୨ରେ ୩୮, ସି ଗ୍ରେଡରେ ୧୭, ଡି ଗ୍ରେଡରେ ୫ ଓ ଇ ଗ୍ରେଡରେ ଜଣେ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲ୍ଲାରେ ମୋଟ ୭୭ଜଣ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏହି ବିଦ୍ୟାଳୟର ସର୍ବାଧିକ ୨୬ ଜଣ ଏ-୧ ଗ୍ରେଡ ପାଇଛନ୍ତି। ବିଦ୍ୟାଳୟର ଛାତ୍ର ଅରଣ୍ୟ କୁମାର ସାହୁ ଓ ଅମନ କୁମାର ବେହେରା ୫୭୯ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ କୁମାର ପାତ୍ର ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ କର୍ତ୍ତବ୍ୟ ନିଷ୍ଠାକୁ ପ୍ରଶଂସା କରିଛନ୍ତି। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶିକ୍ଷା କର୍ମଚାରୀ ମାନଙ୍କ କର୍ତ୍ତବ୍ୟପରାୟଣତାକୁ କୁମଧ ପ୍ରଶଂସା କରିଛନ୍ତି। ଢେଙ୍କାନାଳଜିଲ୍ଲାରେ ଗୋଟିଏ ଅଗ୍ରଣୀ ବିଦ୍ୟାଳୟ ସବୁ କ୍ଷେତ୍ରରେ ସୁନାମ ଅର୍ଜନ କରୁଥିବାରୁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଛି।

## ଢେଙ୍କାନାଳ ଶିଶୁ ବିଦ୍ୟାମନ୍ଦିରର ଶତପ୍ରତିଶତ ସଫଳତା

ଏ-୧ରେ ୫, ଏ-୨ରେ ୧୨ ଛାତ୍ରଛାତ୍ରୀ ପାସ୍

**ଢେଙ୍କାନାଳ,୨।୫(ସମିସ):** ଢେଙ୍କାନାଳ ସହର ନିକଟସ୍ଥ ସୁନ୍ଦରୀଖାଲ ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶତପ୍ରତିଶତ ଛାତ୍ରଛାତ୍ରୀ ପାସ କରିଥିବାରଜଣାପଡିଚି। ସେମାନଙ୍କ ମଧ୍ୟରୁ ଏ-୧ରେ ୫ ଜଣ, ଏ-୨ରେ ୧୨ଜଣ, ବି-୧ରେ ୧୮ ଏବଂ ବି-୨ରେ ୧୬ଜଣ, ସି ଗ୍ରେଡରେ ୨୫ଜଣ ଓ ଡି ଗ୍ରେଡରେ ୮ଜଣ ଏଭଳି ମୋଟି ୮୪ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ସ୍ୱୟଂସିଦ୍ଧା ନନ୍ଦ ୫୫୭ ନଂ ରଖି ପାସ କରିଥିବା ବେଳେ ଶୁଚିସ୍ମିତା ବେଉରା ୫୫୭, ଅଶ୍ଲେଷା ଶୁଭଦର୍ଶିନୀ ୫୫୬, ବିଜୟଲକ୍ଷ୍ମୀ ସାହୁ ୫୪୪, କ୍ଷୀରାବ୍ଧୀ ତନୟା ସାହୁ ୫୪୦ ନଂ ରଖି ପାସ କରିଛନ୍ତି। ବିଦ୍ୟାଳୟର ୫୧ଜଣ ଛାତ୍ରଛାତ୍ରୀ ୬୦ପ୍ରତିଶତରୁ ଅଧିକ ନଂ ରଖିଥିବା ବେଳେ ୨୫ଜଣ ୫୦ପ୍ରତିଶତରୁ ୬୦ ପ୍ରତିଶତ ନଂ ରଖି ପାସ କରିଥିବାର ଜଣାପଡିଛି। ସମସ୍ତ ଛାତ୍ରଛାତ୍ରୀଙ୍କୁ ପରିଚାଳନା ସମିତି, ଗୁରୁଜୀଗୁରମାଙ୍କ ତରଫରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

## ଦିନିକିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଢେଙ୍କାନାଳ,୨।୫(ସମିସ):** ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ଏକ ଦିନିକିଆ ରପ୍ତାନିପାଇଁ ଏଫ୍‌ପିସି,ଏଫପିଓ ଏବଂ ଅଗ୍ରଣୀ କୃଷକ ମାନଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ" ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଆପେଡ଼ାର ଆର୍ôଥକ ଅନୁଦାନରେ କୃଷି ବିଜ୍ଞାନ କେନ୍ଦ୍ରଦ୍ୱାରା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରାୟ ୧୫ ଟି ଏଫପିସି ଏଫପିଓ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଅଗ୍ରଣୀ ଚାଷୀମାନଙ୍କୁ ନେଇ ମୋଟ ୮୦ ଜଣ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚାଷୀ ଓ କୃଷକ ଉତ୍ପାଦକ ସଙ୍ଗଠନମାନଙ୍କୁ ରପ୍ତାନୀ ସମ୍ବନ୍ଧୀୟ ଜ୍ଞାନ, ନୀତି ଓ ପ୍ରୟୋଗୀକ ଦିଗରେ ସକ୍ଷମ କରିବା। କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାସ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ସତ୍ୟଭାମା ପ୍ରଧାନ, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଗୀକା ଶେଫାଳି ସ୍ୱାଗତିକା, ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ସ୍ମରଣିକା ଦାସ, ପାଲାଡିୟମ କନସଲଟାନସିରୁ ଶ୍ରୀମତୀ ଦେବାରତି ଘାଟକ, ସେଣ୍ଟର ଅଫ୍ ଏକସେଲେନ୍ସ, ଏଫ୍‌ପିଓ, ଓୟୁଏଟିର ପ୍ରତିନିଧି ମୌସମ ସାହୁ ଏବଂ ୩ଜଣ ରପ୍ତାନିକାରୀ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କର ଅଭିଭାଷଣରେ ରପ୍ତାନି



କ୍ଷେତ୍ରର ସମ୍ଭାବନା, ଗୁଣମାନ ରକ୍ଷା, ପ୍ୟାକେଜିଂ, ବଜାର ସଂଯୋଗ ଓ ଆନ୍ତର୍ଜାତୀୟ ମାନକ ପାଳନ ଉପରେ ଯୋର ଦେଇଥିଲେ। ସେମାନେ ଚାଷୀମାନଙ୍କୁ ଏହି କ୍ଷେତ୍ରରେ ଆଗକୁ ଆସିବାକୁ ଉତ୍ସାହିତ କରିଥିଲେ। ପ୍ରତିବର୍ଷ ଢେଙ୍କାନାଳରୁ ବିଭିନ୍ନ ଫଳ ରପ୍ତାନି ହେଉଥିବା ପରିପ୍ରେକ୍ଷିରେ, ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଷୀ ଓ ଏଫ୍‌ପି, ଏଫ୍‌ପିସିମାନଙ୍କ ପାଇଁ ରପ୍ତାନି କ୍ଷେତ୍ରରେ ନୂତନ ଦିଗ ଖୋଲିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଆପେଡ଼ାର କଲିକତା ଅଫିସରୁ ତାଙ୍କର ଆଞ୍ଚଳିକ ମୁଖ୍ୟ ସୋମନାଥ ମଣ୍ଡଳ ଯୋଗଦେଇ ରପ୍ତାନୀର ବିଭିନ୍ନ ପ୍ରାସଙ୍ଗିକ ଦିଗ ଉପରେ ପ୍ରାଞ୍ଜଳ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମଟିକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ବିମଳେନ୍ଦୁ ମହାନ୍ତି ପରିଚାଳନା କରିଥିଲେ। କେନ୍ଦ୍ରର ଅନ୍ୟାନ୍ୟ ବୈଜ୍ଞାନିକ ଓ କର୍ମଚାରୀମାନେ ମଧ୍ୟ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟଣ କରିଥିଲେ।

## ଯୁବକ ସଙ୍ଘ ପକ୍ଷରୁ ଜଳଛତ୍ର

**ଗଁଦିଆ,୨।୫(ସମିସ):** ଗ୍ରୀଷ୍ମ ପ୍ରବାହ ଅଧିକ ହେଉଥିବାରୁ ରାସ୍ତାରେ ଯାଉଥିବା ପଥିକ ଟିର ତୃଷା ନିବାରଣ କରିବା ପାଇଁ ଆଗେଇ ଆସିଛନ୍ତି ବ୍ରଜନାଥ ବଡ଼ଜେନା ଯୁବକ ସଙ୍ଘ କାବେରାର ଯୁବକ ଗୋଷ୍ଠୀ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ କବୀ, ସମାଜସେବୀ ତଥା ସୁସଂଗଠିକା ରଶ୍ମିତା ରାଉତ ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ଦେବାଶିଷ ବେହେରା ଯୋଗ ଦେଇଥିଲେ। ଯୁବ ଗୋଷ୍ଠୀର ମନୋଜ କୁମାର ମହାନ୍ତି, ବିଶ୍ୱଜିତ ମହାନ୍ତି, ଜ୍ଞାନରଞ୍ଜନ ରାଉତ, ପ୍ରତାପ କୁମାର ନାୟକ, ବିକାଶ ରାଉତ, ସୁନୀଲ ନାୟକ, ନାଗେଶ୍ୱର ବାରିକ, ପ୍ରଳୟ ଭଞ୍ଜ, କୃଷ୍ଣଚନ୍ଦ୍ର ରାଉଳ, ଅଂଶୁମାନ ନାୟକ, ବଳିଆ ବାରିକ, ସଂଗ୍ରାମ ମହାନ୍ତି, ବିକାଶ ନାୟକ ପ୍ରମୁଖ ଜଳ ଦାନ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ବାସ୍ତବିକ ଜଳଦାନ ଏକ ମହତ ଦାନ ଏଭଳି କାର୍ଯ୍ୟରେ ସମସ୍ତେ ସାମିଲ ହେବା ଉଚିତ ବୋଲି ଗ୍ରାମର ସଭାପତି ବ୍ରହ୍ମାନନ୍ଦ ନାୟକ ଓ ସମାଜସେବୀ ସନ୍ତୋଷ ବିଶ୍ୱାଳ କହିଥିଲେ। ଗ୍ରାମ ଏବଂ ଆଖପାଖ ଅଞ୍ଚଳରୁ ଲୋକମାନେ ଜଳଛତ୍ର କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସହଯୋଗର ହାତ ବଢାଇଛନ୍ତି। ଏହି ଜଳ ଛତ୍ର କାର୍ଯ୍ୟକ୍ରମ ପ୍ରତି ଶନିବାର ଚାଲୁ ରହିବ ବୋଲି ଯୁବକ ସଙ୍ଘ ସଭାପତି ମନୋଜ କୁମାର ସେଠି ସୂଚନା ଦେଇଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧା ମୃତ

**ଢେଙ୍କାନାଳ,୨।୫(ସମିସ):** ଢେଙ୍କାନାଳ ସଦର ରେଞ୍ଜ୍ କାଇମାଟି ପଞ୍ଚାୟତ କୁକୁଡ଼ାଝର କାଜୁ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ବାଉତିବେରେଣା ଗ୍ରାମର ଜୟନ୍ତୀ ସାହୁ ଗାଁ ନିକଟ କାଜୁ ଜଙ୍ଗଲକୁ କାଜୁ ତୋଳିବାକୁ ଯାଇଥିଲେ। ସେଠାରେ ସେ ହାତୀ ହାବୁଡ଼ରେ ପଡ଼ି ଯିବାରୁ ହାତୀ ଆକ୍ରମଣ କରିଥିଲା। ଜୟନ୍ତୀଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବନବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସାମ୍ବାଦିକଙ୍କୁ ପେନ୍ସନ, ସୁରକ୍ଷା ଓ ଆକ୍ରେଡିଟେସନ ଦାବି

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



**ଢେଙ୍କାନାଳ,୨।୫(ସମିସ):** ଓଡ଼ିଶା ସାମ୍ବାଦିକ ୟୁନିୟନ ଅଧୀନ ଢେଙ୍କାନାଳ ଜିଲ୍ଲା ସାମ୍ବାଦିକ ସଂଘ ଡିଡିୟୁଜେ ପକ୍ଷରୁ ସାମ୍ବାଦିକଙ୍କ ଦୀର୍ଘଦିନର ତିନିଟି ମୁଖ୍ୟ ଦାବି ପେନ୍ସନ, ସୁରକ୍ଷା ଓ ଆକ୍ରେଡିଟେସନ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ୮ ବ୍ଲକର କାର୍ଯ୍ୟରତ ସାମ୍ବାଦିକମାନେ ଯୋଗଦେଇ ନ୍ୟାଯ୍ୟ ଦାବି ପ୍ରତି ସରକାର ପ୍ରତିଶ୍ରୁତି ଦେଇ ଭୁଲି ଯାଇଥିବା ଅଭିଯୋଗ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏସ୍‌ପି ଅଭିନବ ସୋନକର ଓ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓୟୁଜେ ଜିଲ୍ଲା ସଭାପତି ରତନ ନାୟାର ଏବଂ ସାଧାରଣ ସମ୍ପାଦକ ଶିଶିର ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ଧାରଣା ଓ ପ୍ରତିବାଦ ସଭାରେ ବରିଷ୍ଠ ସାମ୍ବାଦିକା ରାଜଶ୍ରୀ ଶତପଥୀ ଅଧ୍ୟକ୍ଷତା କରିଥିଲେ।

ଆନ୍ତର୍ଜାତିକ ଶ୍ରମ ଦିବସ ପାଳିତ

# ୯୬୬ ହିତାଧିକାରୀଙ୍କୁ ୫ କୋଟି ଟଙ୍କା ସହାୟତା ପ୍ରଦାନ

**ଢେଙ୍କାନାଳ,୨।୫(ସମିସ):**

ସ୍ଥାନୀୟ ଆର୍ଟ ଏଣ୍ଡ କ୍ରାଫ୍ଟ ସେଣ୍ଟର ଠାରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇ, ରାଷ୍ଟ୍ର ନିର୍ମାଣରେ ଶ୍ରମିକ ଭାଇ ଭଉଣୀମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ, ସେମାନଙ୍କର ସହଯୋଗ ବିନା କୌଣସି ପ୍ରକାରର ନିର୍ମାଣ ସମ୍ଭବ ନୁହେଁ ବୋଲି ପ୍ରକାଶ କରିଥିଲେ। ରାଜ୍ୟ ତଥା ଦେଶର ସାମଗ୍ରିକ ବିକାଶ ନିମନ୍ତେ ସେମାନଙ୍କର ନିରନ୍ତର ଉଦ୍ୟମ ଯୋଗୁଁ ସମ୍ଭବ ହୋଇ ପାରୁଛି ବୋଲି ମତବ୍ୟକ୍ତ କରି ସେମାନଙ୍କର ଭୂରି ଭୂରି ପ୍ରଶଂସା କରିଥିଲେ। କୌଣସି ଶ୍ରମିକ ଭାଇ ଭଉଣୀ କୌଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ହେଲେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ପରଜଙ୍ଗର ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗ ଦେଇ ଶ୍ରମିକ ଭାଇ ଭଉଣୀମାନଙ୍କ ବିନା କୌଣସି ପ୍ରକାରର ଉନ୍ନତି ସମ୍ଭବ ନୁହେଁ ବୋଲି ମତ ପ୍ରକାଶ କରିଥିଲେ। ଜିଲ୍ଲାର କୌଣସି ଶ୍ରମିକ ଭାଇ ଭଉଣୀ ଯେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତାହାର ସମାଧାନ ପାଇଁ ତାଙ୍କର ପରାମର୍ଶ ନେବାକୁ ପୌରଅଧ୍ୟକ୍ଷା ଜୟନ୍ତୀ ପାତ୍ର କହିଛନ୍ତି। ଏହି ଅବସରରେ ଶ୍ରମିକମାନଙ୍କ ପିଲାଙ୍କ ଶିକ୍ଷା, ବିବାହ, ପ୍ରସୂତି କାଳୀନ ସହାୟତା, ମୃତ୍ୟୁକାଳୀନ ସହାୟତା ଓ ଅନ୍ତେଷ୍ଟିକ୍ରିୟା ପାଇଁ ୯୬୬ ଜଣ ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ୫କୋଟି ୧୭ଲକ୍ଷ ୧୩ହଜାର ୮୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା ବେଳେ ୩୫୦ ଜଣଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଜିଲ୍ଲା ଶ୍ରମ ଅଧିକାରୀ ତପନ କୁମାର ସୁତାର ସ୍ୱାଗତ ଭାଷଣ ଦେଇଥିଲେ। ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଡିଏସପି କେ ଜିସା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ମୋନାଲିସା ନାୟକ ପ୍ରମୁଖ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶ୍ରମିକମାନଙ୍କ ଭୂମିକା ଓ ଶ୍ରମ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସହକାରୀ ଶ୍ରମ ଅଧିକାରୀ ସଂଗ୍ରାମ ଦଳାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି

**ଗଁଦିଆ,୨।୫(ସମିସ):** ଗଁଦିଆ ବ୍ଲକରେ ଅନୁଷ୍ଠିତ କାଳ ବୈଶାଖୀରେ ବ୍ୟାପକ ଭାବରେ ଅନେକ କ୍ଷୟ କ୍ଷିତି ହୋଇଥିବାର ଜଣାଯାଏ। ବ୍ୟାପକ ପବନ ସାଙ୍ଗକୁ ବର୍ଷାର ପ୍ରକୋପ ଏତେ ଜୋରରେ ଥିଲା ଯେ ଅନେକ ସ୍ଥାନରେ ଏହାର ପ୍ରଭାବରେ ଅମୃତ ଭଣ୍ଡା, ଆମ୍ବ ପିଜୁଳି ତଥା ଅନେକ ଗଛର ଡାଳ ଭାଙ୍ଗି ଯାଇ ବ୍ୟାପକ କ୍ଷତି ହୋଇଛି। ସେହିପରି ଏହି କାଳ ବୈଶାଖୀ ପ୍ରଭାବରେ ଆମ୍ବ ଫସଲ ବ୍ୟାପକ ଭାବରେ କ୍ଷତି ଗ୍ରସ୍ତ ହୋଇଥିବାର ଜାଣିବାକୁ ମିଳିଛି ଅଧିକାଂଶ ଗଛରୁ ଆମ୍ବ ସବୁ ଖସି ପଡିଛି। ସେହିପରି କେତେକ ସ୍ଥାନରେ ଝୁମ୍ପୁଡି ଓ କଚା ଚାଳ ଘର କ୍ଷତିଗ୍ରସ୍ତ ହୋଇଥିବାର ଜଣାଯାଏ। ଉକ୍ତ ଗଁଦିଆ ବ୍ଲକରେ ବ୍ୟାପକ ଭାବରେ ବିଦ୍ୟୁତ ସେବା ପ୍ରଭାବିତ ହୋଇଛି। ଅଧିକାଂଶ ସ୍ଥାନରେ ଗଛରୁ ଡାଳ ସବୁ ବିଦ୍ୟୁତ ତାରରେ ପଡି ଯିବା ଦ୍ୱାରା ବିଦ୍ୟୁତ ଯୋଗାଣ ବ୍ୟାହତ ହୋଇଛି କେତକ ସ୍ଥାନରେ ରାସ୍ତା ଉପରେ ଡାଳ ଭାଙ୍ଗି ପଡିବା ଫଳରେ ଯାତାୟତ କ୍ଷେତ୍ରରେ କିଛି ସମୟ ପାଇଁ ସମସ୍ୟା ସୃଷ୍ଟି ହୋଇଥିଲା ବାସ୍ତବରେ ଉକ୍ତ କାଳ ବୈଶାଖୀ ପ୍ରଭାବରେ କେତେ କଣ କ୍ଷତି ହୋଇଛି ତାହାର ବାସ୍ତବ ଚିତ୍ର କାଲି ଆଡକୁ ମିଳିଯିବାର ସମ୍ଭାବନା ରହିଛି ବିଶେଷ କରି ତୁରନ୍ତ ଉକ୍ତ ବ୍ଲକରେ ବିଦ୍ୟୁତ ସେବାକୁ କାର୍ଯ୍ୟକ୍ଷମ କରିବାକୁ ଜନସାଧାରଣଙ୍କ ତରଫରୁ ଢେଙ୍କାନାଳ ଜିଲ୍ଲପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

■ ପାନୀୟ ଜଳ ସମସ୍ୟା ଉତ୍କଟ

# ନଳଭେଡ଼ିରେ କଂଗ୍ରେସ ତଥ୍ୟ ଅନୁସନ୍ଧାନକାରୀ ଦଳ



ଏରସମା,୨।୫(ସମିସ): ଏରସମା ବ୍ଲକର ଗଡବିଶୁନପୁର ପଞ୍ଚାୟତର ନଳଭେଡି ଗ୍ରାମରେ ପିଇବା ପାଣି ସମସ୍ୟାକୁ ନେଇ ଏରସମା ବ୍ଲକରେ ଗତ ୨୭ ତାରିଖରେ ହୋଇଥିବା ଯୁଗ୍ମ ଜନ ଶୁଣାଣିରେ ଅଭିଯୋଗ କରିବାକୁ ଯାଇଥିବା ମହିଳା ମାନଙ୍କୁ ଜିଲ୍ଲାପାଳ ଦୁର୍ବ୍ୟବହାର ଘଟଣାକୁ ନେଇ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିବା ବେଳେ ଶୁକ୍ରବାର ରାଜ୍ୟ କଂଗ୍ରେସ ଉପ ସଭାପତି ଡା ଲଲାଟେନ୍ଦୁ ମହାପାତ୍ରଙ୍କ ନେତୃତ୍ୱରେ ଏକ ୩ଜଣିଆ ତଥ୍ୟ ଅନୁସନ୍ଧାନକାରୀ ଦଳ ନଳଭେଡିରେ ପହଞ୍ଚିଥିବା ଜଣାପଡ଼ିଛି। ଜଗତସିଂହପୁର ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର ସଂପର୍କରେ ଶତାଧିକ ମହିଳା କଂଗ୍ରେସ ନେତାଙ୍କୁ ଅବଗତ କରାଇଥିଲେ। ଗାଁକୁ ପାଣି ଯାଉଛି ବୋଲି ପାନୀୟ ଜଳ ବିଭାଗ ପକ୍ଷରୁ କିଛି ଗଣମାଧ୍ୟମଙ୍କ ଜରିଆରେ ସଫେଇ ଦିଆଯାଇଥିଲେ ହେଁ ବାସ୍ତବରେ ପାନୀୟ ଜଳ ସମସ୍ୟା ଏ ଯାଏ ସମାଧାନ ହୋଇନଥିବା ପ୍ରଦେଶ କଂଗ୍ରେସ କମିଟି ଉପ ସଭାପତି ଡା. ଲଲାଟେନ୍ଦୁ ମହାପାତ୍ର ସୂଚନା ଦେଇଥିଲେ। କଂଗ୍ରେସର ଏହି ପ୍ରତିନିଧି ଦଳରେ ଜିଲ୍ଲା କଂଗ୍ରେସ ମୁଖପାତ୍ର ଅଭିଜିତ ସାହୁ, ସ୍ଥାନୀୟ କଂଗ୍ରେସ ଯୁବ ନେତା ଅଭୟ କୁମାର ହାତୀ, ଜିରୋଇଲୋ ସମିତି ସଭ୍ୟ ରଘୁନାଥ ସ୍ୱାଇଁ ପ୍ରମୁଖ ନଳଭେଡି ଗ୍ରାମକୁ ଯାଇଥିବା ଦେଖାଯାଇଥିଲା। ପାନୀୟ ଜଳ ସମସ୍ୟାର ସମାଧାନ ନିମନ୍ତେ ଅଣ୍ଟା ଭିଡିଥିବା ନଳଭେଡି ଗାଁର ପ୍ରତିମା ଭୌମିକ କୁ କଂଗ୍ରେସ ପ୍ରତିନିଧି ଦଳ ଭେଟିଥିଲେ। ପ୍ରତିମାଙ୍କ ନେତୃତ୍ୱରେ ଦଶଜଣ ମହିଳା ପାଣି ସମସ୍ୟା ପାଇଁ ଏରସମା ବ୍ଲକ ଅଭିଯୋଗ ଶୁଣାଣିକୁ ଯାଇଥଲେ। ନଳଭେଡି ଗ୍ରାମକୁ ଶାନ୍ତି ମୁନିଗ୍ରାମକୁ କୁ ୭୫ପାଇପ୍ ବଦଳରେ ୧୧୦ପାଇପ୍ ପକେଇ ପାଣି ଦେବା ସହିତ ପାଣି ସମସ୍ୟା ପାଇଁ ଯାଇଥିବା ମହିଳା ମାନଙ୍କୁ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାରକୁ ଦୃଢ଼ କଂଗ୍ରେସ ନେତାମାନେ ନିନ୍ଦା କରିଥିଲେ।

# ଅଳକା ନଦୀରେ ଉଚ୍ଚ ସେତୁର ଶିଳାନ୍ୟାସ

ଜଗତସିଂହପୁର,୨।୫(ସମିସ): ଜଗତସିଂହପୁର ଜିଲ୍ଲା ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଅଳକା ନଦୀ



ଉପରେ ଏକ ଉଚ୍ଚ ସେତୁର ଶିଳାନ୍ୟାସ କରିଛନ୍ତି ସଦର ବିଧାୟକ ଅମରେନ୍ଦ୍ର ଦାସ। ଅଳକା ନଦୀର ରସଲପୁର ଠାରୁ କାଳିଆବୋରା ରାସ୍ତାରେ ୪.୫୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ସେତୁର ଶିଳାନ୍ୟାସ କରାଯାଇଛି। ରସଲପୁର କାଳିଆବୋରା, ଓଡ଼ିସୋ ଗାଁକୁ ଯାତାୟାତ ତଥା ସ୍ଥାନୀୟ ହାଇସ୍କୁଲକୁ ଯାତାୟାତ ପାଇଁ ଏହା ଏକ ମୁଖ୍ୟ ଯୋଗାଯୋଗ ରାସ୍ତା। ବିଶେଷ କରି ପୂର୍ବରୁ ଥିବା ସେତୁଟି ପୁରୁଣା ତଥା ଛୋଟ ଓ ନିମ୍ନରେ ଥିବା ବେଳେ ଅନେକ ସମୟରେ ଯାନବାହାନ ଚଳାଚଳରେ ବହୁତ ସମସ୍ୟା ଦେଖା ଯାଉଥିଲା। ତେବେ ଏହି ଉଚ୍ଚ ସେତୁଟି ମୁଖ୍ୟ ରାସ୍ତା ସହ ସମାନ ଉଚରେ ଓ ଅଧିକ ପ୍ରଶସ୍ତ ନିର୍ମାଣ କରାଯିବ। ଯାହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ହଜାର ହଜାର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି।

# ମେଗା ରକ୍ତଦାନ ଶିବିର



ପାରାଦୀପ,୨।୫(ସମିସ): ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ବିଜୟନଗର ସ୍ଥିତ ଓମ୍ଫା ଭବନ ଠାରେ ବିବେକାନନ୍ଦ ଯୁଥ କ୍ଲବ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ମୁଖ୍ୟଅତିଥି ଭାବେ ପାରାଦୀପ ପୌରପାଳିକାର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓମ୍ଫାର ସାଧାରଣ ସଂପାଦକ ଅରବିନ୍ଦ ସ୍ୱାଇଁ ଯୋଗ ଦେଇ ଆୟୋଜକ ବିବେକାନନ୍ଦ ଯୁଥ କ୍ଲବର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୩୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସଙ୍ଗଠନର ସଭାପତି ଜଗନ୍ନାଥ ହାଲଦାର, ସମ୍ପାଦକ ପ୍ରକାଶ ରାୟ, ରାଜକୁମାର ମାଇତି, ପ୍ରଶାନ୍ତ ପ୍ରଧାନ, ଅଜୟ ମିସ୍ତ୍ରୀ, ଜୟଦେବ ମାନ୍ନା, ସାନୁ ଦାସ, ସାନୁଜ ବଳିଆରସିଂ, ଦେବବ୍ରତ ମଣ୍ଡଳ, ମନୋଜ ପାତ୍ର ଙ୍କ ସମେତ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

ମାଟ୍ରିକ୍ ପରୀକ୍ଷା ଫଳ

# ଜଗତସିଂହପୁରରେ ପାସ୍‌ହାର ୯୭.୮୯ %

■ ଏ- ୧ ପାଇଛନ୍ତି ୬୦ ଛାତ୍ରଛାତ୍ରୀ ■ ନାଉଗାଁ ବ୍ଲକ୍‌ର ଗାୟତ୍ରୀ ପଲେଇ ଜିଲ୍ଲା ଟପ୍ପର

ଜଗତସିଂହପୁର,୨।୫(ସମିସ)

ପ୍ରକାଶ ପାଇଛି ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫଳ। ଜଗତସିଂହପୁର ଜିଲ୍ଲାରେ ପାସ୍‌ହାର୍ ୯୭.୮୯ ପ୍ରତିଶତ ରହିଥିବା ବେଳେ ସମଗ୍ର ରାଜ୍ୟରେ ଜିଲ୍ଲା ଚତୁର୍ଥ ସ୍ଥାନରେ ରହିଛି। ଚଳିତବର୍ଷ ୨୬୬ ବିଦ୍ୟାଳୟର ୧୩,୧୮୦ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ପାଇଁ ଆବେଦନ କରିଥିବା ବେଳେ ଏମାନଙ୍କ ମଧ୍ୟରୁ ୧୬୧ ଜଣ ବିଭିନ୍ନ କାରଣରୁ ପରୀକ୍ଷା ଦେଇନଥିଲେ। ଜିଲ୍ଲାର ନାଉଗାଁ ହାଟ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଗାୟତ୍ରୀ ପଲେଇ ମୋଟ ୫୭୬ ନମ୍ବର ରଖି ଜିଲ୍ଲା ଟପର ହୋଇଛନ୍ତି। ସେହିପରି ଜଗତସିଂହପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସୂର୍ଯ୍ୟପ୍ରତାପ ସ୍ୱାଇଁ ବ୍ଲକ୍ ୫୬୫ ନମ୍ବର ରଖି ଜିଲ୍ଲାରେ ୨ୟ ଏବଂ କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ମଙ୍ଗରାଜପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ତେଜସ୍ୱିନୀ ଦାଶ ୫୬୧ ନମ୍ବର ରଖି ଜିଲ୍ଲାରେ ୩ୟ ସ୍ଥାନ ହାସଲ କରିଛନ୍ତି। ଜିଲ୍ଲାରେ ମୋଟ ୬୦ ଜଣ ଛାତ୍ରଛାତ୍ରୀ ଏ-୧ ପାଇଥିବା ବେଳେ ୩୮୫ ଜଣ ଏ-୨ରେ, ୧୧୧୬ ଜଣ ବି-୧ରେ, ୨୨୮୦ ଜଣ ବି-୨ରେ, ୩୪୨୭ ଜଣ ସି-ଗ୍ରେଡ୍ ଏବଂ ୩୫୯୮ ଜଣ ଛାତ୍ରଛାତ୍ରୀ ଡି-ଗ୍ରେଡ ପାଇଥିବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଜିଲ୍ଲ ଟପ୍ପର ଗାୟତ୍ରୀ ପଲେଇ ନାଉଗାଁ ବ୍ଲକ୍ ଟପ୍ପର ହୋଇଥିବା ବେଳେ ଜିଲ୍ଲାରେ ୨ୟ ହୋଇଥିବା ସୂର୍ଯ୍ୟପ୍ରତାପ ସ୍ୱାଇଁ ଜଗତସିଂହପୁର ବ୍ଲକ୍ ଟପ୍ପର ହୋଇଛନ୍ତି। ସେହିପରି ୩ୟ ହୋଇଥିବା ତେଜସ୍ୱିନୀ ଦାଶ କୁଜଙ୍ଗ ବ୍ଲକ୍ ଟପ୍ପର ହୋଇଛନ୍ତି। ଅଳାବୋଳ ନୋଡାଲ ହାଇସ୍କୁଲର ଛାତ୍ରୀ ଅଙ୍କିତା ରଥ ୫୫୮ ନମ୍ବର ରଖି ବାଲିକୁଦା ବ୍ଲକ ଟପ୍ପର, ଗେଲପୁର ନୋଡାଲ ହାଇସ୍କୁଲର ଛାତ୍ରୀ ସ୍ୱାଗତିକା ମହାପାତ୍ର ୫୪୯ ନମ୍ବର ରଖି ବିରିଡି ବ୍ଲକ୍ ଟପ୍ପର, ସୋମପୁର ନୋଡାଲ ହାଇସ୍କୁଲର ଛାତ୍ରୀ ଅଞ୍ଜଳା ପ୍ରିୟଦର୍ଶିନୀ ତରାଇ ୫୪୮ ନମ୍ବର ରଖି ଏରସମା ବ୍ଲକ୍ ଟପ୍ପର, ଏମ୍‌କେସି ହାଇସ୍କୁଲ ଦେଉଳିର ଛାତ୍ର ବିଶ୍ୱରଞ୍ଜନ ମହାପାତ୍ର ୫୪୭ ନମ୍ବର ରଖି ରଘୁନାଥପୁର ବ୍ଲକ୍ ଟପ୍ପର ଏବଂ ବାଟମଙ୍ଗଳା ନୋଡାଲ ବିଦ୍ୟାପୀଠ ଗୋପାଳପୁରର ଛାତ୍ରୀ ସ୍ୱପ୍ନାଲିସା ନାୟକ ୫୪୦ ନମ୍ବର ରଖି ତିର୍ତ୍ତୋଲ ବ୍ଲକ ଟପ୍ପର ହୋଇଛନ୍ତି।

## ଅଞ୍ଜଳା ପ୍ରିୟଦର୍ଶିନୀ ଏରସମା ଟପ୍ପର



ଏରସମା : ଏରସମା ବ୍ଲକରେ ୬ଜଣ ଏ-୧ ରଖି ବ୍ଲକ ପାଇଁ ସଫଳତା ଆଣିଛନ୍ତି। ଏମାନଙ୍କ ମଧ୍ୟରୁ ସୋମପୁର ହାଇସ୍କୁଲର ଅଞ୍ଜଳା ପ୍ରିୟଦର୍ଶିନୀ ତରାଇ ୫୪୮ ରଖି ବ୍ଲକ ଟପ୍ପର ହୋଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମେଶ୍ୱର ହାଇସ୍କୁଲର ପ୍ରିୟରଞ୍ଜନ ଦାସ ୫୪୧ ନମ୍ବର ରଖିଥିବା ବେଳେ ଏରସମା ସରକାରୀ ଉଚ୍ଚ ବିଦ୍ୟାଳୟର ଶିବାଙ୍ଗି ମହାନ୍ତି, ତମନା ଦାସ, ପଞ୍ଚାୟତ ହାଇସ୍କୁଲ ବାଲିତୁଠର ଆକାଂଖ୍ୟା ମିଶ୍ର, ଗୋଡା ହାଇସ୍କୁଲର ଅର୍ପିତା କାଣ୍ଡି ୫୪୦ ନମ୍ବର ରଖିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଫଳତା



ପାରାଦୀପ : ମାଟ୍ରିକ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାରାଦୀପର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଦଶମ ଶ୍ରେଣୀର ମୋଟ ୧୪୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୬ ଜଣ ଛାତ୍ରଛାତ୍ରୀ ଏ-୧ ଅର୍ଥାତ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏ-୨ରେ ୧୮ ଜଣ, ବି-୧ରେ ୩୧ଜଣ, ବି-୪୭ ଜଣ, ସି-୨୯ ଜଣ, ଡି-୧୦ ଜଣ ଓ ଇରେ ୪ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶ୍ରୀକାନ୍ତ କୁମାର ପାତ୍ର ସର୍ବାଧିକ ୯୩ ପ୍ରତିଶତ ନମ୍ବର ରଖି ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅଭିପ୍ସା ବିଶ୍ୱାଳ ୯୧.୬୬ ପ୍ରତିଶତ ନମ୍ବର ଓ ନମ୍ରତା ଦାସ ୯୦.୩୩ ପ୍ରତିଶତ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଖ୍ୟାତି ବଢ଼ାଇଛନ୍ତି। ସେହିପରି ସାଇସ୍ମିତା ବେହେରା, ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ଓ ଶୁଭଦର୍ଶିନୀ ବିଶ୍ୱାଳ ସମାନ ଭାବେ ୯୦ ପ୍ରତିଶତ ନମ୍ବର ରଖିଛନ୍ତି। ବିଦ୍ୟାମନ୍ଦିରର ଏହି ଉଲ୍ଲେଖନୀୟ ସଫଳତା ପ୍ରଦର୍ଶନ ନିମନ୍ତେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ସନ୍ତୋଷ ପ୍ରକାଶ କରିବା ସହିତ କୃତୀ ଛାତ୍ରଛାତ୍ରୀଙ୍କ ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା ଶ୍ରୀକାନ୍ତ ପୁରୁଣା ଭୀମଭୋଇ କଲୋନୀରେ ରହୁଥିବା ଶ୍ରୀମନ୍ତ ପାତ୍ରଙ୍କର ଏକମାତ୍ର ପୁଅ ଅଟନ୍ତି।

ପାରାଦୀପ ଆମନ୍ତ୍ରଣ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# କ୍ୱାର୍ଟର ଫାଇନାଲରେ କଟକ ଜୁଭେନାଇଲ ବିଜୟୀ

ପାରାଦୀପ,୨।୫(ସମିସ): ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମରେ ପାରାଦୀପ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ ତମାଣ୍ଡ କ୍ରିକେଟ କ୍ଲବ, ଭୁବନେଶ୍ୱର ସହିତ ଜୁଭେନାଇଲ କ୍ରିକେଟ ଟିମ, କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ତମାଣ୍ଡ କ୍ରିକେଟ କ୍ଲବ ଟସ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲେ। ତେବେ ସେମାନେ ୧୮ ଓଭରରେ ୯ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲେ। ପ୍ରମୁଖ ବ୍ୟାଟସ୍‌ମ୍ୟାନ୍ ଭାବେ ଶୁଭମ ଶତ୍ରୁଜିତ ୨୭ବଲରେ ୨୮ ରନ କରିଥିବା ବେଳେ ପ୍ରମୁଖ ବୋଲର୍ ସୁବି (ଜୁଭେନାଇଲ, କଟକ) ୪ ଓଭରରେ ୨୪ ରନ ବ୍ୟୟ କରି ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଦ୍ୱିତୀୟ ଇନିଂସରେ କଟକର ଜୁଭେନାଇଲ କ୍ରିକେଟ ଟିମ ୧୭ ଓଭରରେ ୫ ଉଇକେଟ ବିନିମୟରେ ୧୫୧ ରନ ସଂଗ୍ରହ କରି ଜିତିଯାଇଥିଲେ। ପ୍ରମୁଖ ବ୍ୟାଟ୍ସମ୍ୟାନ୍ ପୁରୁଷୋତ୍ତମ ପ୍ରଧାନ ୫୨ ବଲ ରେ ୬୭ ରନ କରିଥିବା ବେଳେ ପ୍ରମୁଖ ବୋଲର୍ ମୁକେଶ କୁମାର (ତମାଣ୍ଡ କ୍ରିକେଟ କ୍ଲବ) ୪ ଓଭର ରେ ୧୫ ରନ ବ୍ୟୟ କରି ୧ ୱିକେଟ ଅକ୍ତିଆର କରିଥିଲେ।ମ୍ୟାନ ଅଫ ଦି ମ୍ୟାଚ ଭାବେ ଜୁଭେନାଇଲ, କଟକ ର ପୁରୁଷୋତ୍ତମ ପ୍ରଧାନ ବିବେଚିତ ହୋଇଥିଲେ। ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ ଏସି କମରସିଆଲର ମୁଖ୍ୟ ଅକ୍ଷୟ ଚନ୍ଦ୍ର ସୁତାର।ମ୍ୟାଚ ପରିଚାଳନା କରିଥିଲେ ଓସିଏ ର ଆଶୁତୋଷ ପାଣି ଓ ସୌମେନ୍ଦ୍ର ପାତ୍ର।

ମହିଳାଙ୍କୁ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର ଘଟଣା

# ପ୍ରତିବାଦ ଜଣାଇଲା ମହିଳା ବିଜେଡି



ଜଗତସିଂହପୁର,୨।୫(ସମିସ): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ସଭା ଗୃହରେ ଗତ ସୋମବାର ଅନୁଷ୍ଠିତ ହୋଇଥିବା ଜନଶୁଣାଣି ଶିବିରରେ ନଳଭେଡି ଗ୍ରାମର ମହିଳା ମାନଙ୍କୁ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଉକ୍ତ ମହିଳାମାନେ ଏହି ଅଭାବନୀୟ ଘଟଣାର ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳରେ ଶୋଭାଯାତ୍ରା ମାଧ୍ୟମରେ ପ୍ରତିବାଦ ଜଣାଇଥିଲେ। ସେହିପରି ଏରସମା ସଚେତନ ନାଗରିକ ମଞ୍ଚ ମଧ୍ୟ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଏଭଳି ଆଚରଣକୁ ନିନ୍ଦା କରିବା ସହିତ କାର୍ଯ୍ୟାନୁଷ୍ଠାନ ନହେଲେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ମହିଳା ବିଜେଡି ପକ୍ଷରୁ ସଭାପତି ଲୋରା ମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ ନେତ୍ରୀ ଓ କର୍ମୀମାନେ ଆଜି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କୁ ସାକ୍ଷାତ କରି ପ୍ରତିବାଦ ଜଣାଇଛନ୍ତି। ନିଜର ଅଭିଯୋଗ ଜଣାଇବାକୁ ଯାଇଥିବା ମହିଳା ମାନଙ୍କ ଗୁହାରି ଶୁଣିବା ପରିବର୍ତ୍ତେ ଆଙ୍ଗୁଠି ଦେଖାଇ ପାଟି ଚୁପ କରିବାକୁ ତାଗିଦ କରିବା ଜଣେ ଜିଲ୍ଲାପାଳଙ୍କ ପାଇଁ ଶୋଭନୀୟ କି ବୋଲି ପ୍ରଶ୍ନ କରିଥିଲେ ଜିଲ୍ଲା ମହିଳା ବିଜେଡି ସଭାପତି ଲୋରା ମହାପାତ୍ର। ସେହିପରି ପୂର୍ବତନ ଜିଲ୍ଲା ପରିଷଦ ସଭାପତି ସବିତା ମହାପାତ୍ର ମଧ୍ୟ ଏହି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ମହିଳାମାନଙ୍କୁ ଉଚିତ ସମ୍ମାନ ଦେଉଛନ୍ତି ବୋଲି ସରକାର ଡିଣ୍ଡିମ ପିଟୁଥିବା ବେଳେ ଜଣେ ଜିଲ୍ଲାପାଳଙ୍କର ଏଭଳି ଅଶୋଭନୀୟ ବ୍ୟବହାର ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀମତି ମହାପାତ୍ର କହିଥିଲେ। ଜଗତସିଂହପୁର ଜିଲ୍ଲାରେ ପୂର୍ବରୁ ଅନେକ ଜିଲ୍ଲାପାଳ କାମ କରି ଯାଇଛନ୍ତି। ହେଲେ ଏଭଳି ଅଭାବନୀୟ ଘଟଣା କେବେ ଦେଖିବାକୁ ମିଳିନଥିଲା। ଆଗକୁ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନଘଟେ ସେଥିପାଇଁ ଜିଲ୍ଲାପାଳ ଏବଂ ସମସ୍ତ ପ୍ରଶାସନିକ ଅଧିକାରୀ ଯତ୍ନବାନ ହେବାକୁ ମହିଳା ବିଜେଡି ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏହି ଆଲୋଚନା ସମୟରେ ଦଳୀୟ ଜିଲ୍ଲା ପରିଷଦ ସଭ୍ୟ, ପାରିଷଦ, ବିଭିନ୍ନ ପଞ୍ଚାୟତର ମହିଳା ସରପଞ୍ଚ, ସମିତି ସଭ୍ୟା ଏବଂ ମହିଳା କର୍ମୀମାନେ ଉପସ୍ଥିତ ଥିଲେ।

୫ ଚୋରା ମଦବେପାରୀ ଗିରଫ

# ୭୫୯ ବୋତଲ ବିଦେଶୀ ମଦ ଜବତ



ଜଗତସିଂହପୁର/ଏରସମା,୨।୫(ସମିସ): ଜଗତସିଂହପୁର ଜିଲ୍ଲାର ଏରସମା ଥାନା ଅନ୍ତର୍ଗତ ଲୁଣାପୋଖରୀ ଗ୍ରାମର ପେଷାଦାର ଚୋରା ମଦ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମଲ୍ଲଙ୍କ ଘର ଉପରେ ଚଢ଼ାଉ କରି ପୁଲିସ ୭୫୯ ବୋତଲ ବିଦେଶୀ ମଦ ଜବତ କରିଛି। ଜବତ ମଦ ୨୬୨.୭୧ ଲିଟର ହେବ ବୋଲି ଆକଳନ କରାଯାଇଛି। ସୂଚନା ଅନୁସାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏରସମା ପୁଲିସର ଏକ ଟିମ ଏସଆଇ ବିଶ୍ୱଜିତ ଗଡ଼ନାୟକଙ୍କ ନେତୃତ୍ୱରେ ଗତ ୧ ତାରିଖ ମଧ୍ୟ ରାତ୍ରରେ ଲୁଣିପୋଖରୀ ସ୍ଥିତ କୃଷ୍ଣଚନ୍ଦ୍ର ମଲ୍ଲଙ୍କ ଘରେ ଚଢ଼ଉ କରିଥିଲା। ସେଠାରେ କାର୍ଟୁନ କାର୍ଟୁନ ମଦ ରହିଥିବା ଜଣାପଡିବା ପରେ ପୁଲିସ ଟିମ ସେସବୁ ଜବତ କରିଥିଲା। କୃଷ୍ଣଚନ୍ଦ୍ରଙ୍କ ସହିତ ସେଠାରେ ଉପସ୍ଥିତ ଥିବା କୃଷ୍ଣଚନ୍ଦ୍ର ସେଠୀ, ଧରଣୀ କାଣ୍ଡି, ଜଗନ୍ନାଥ ଗୁଡ଼ିଆ ଏବଂ ପୂର୍ଣ୍ଣ କାଣ୍ଡିକୁ ପୁଲିସ ନିଜ ହେପାଜତକୁ ନେଇଥିଲା। ତଦନ୍ତ ପରେ ପୁଲିସ ତରଫରୁ ଦିଆଯାଇଥିବା ସୂଚନା ଅନୁସାରେ କୃଷ୍ଣଚନ୍ଦ୍ର ମଲ୍ଲ ଏବଂ ତାଙ୍କ ପୁତ୍ର ନିୟମିତ ଭାବେ ବିଭିନ୍ନ ମଦ ଦୋକାନରୁ ମଦ ସଂଗ୍ରହ କରି ତାଙ୍କ ଘରେ ଷ୍ଟକ୍ ରଖନ୍ତି। ପରେ ପୁଲିସ ଦ୍ୱାରା ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତ ମାନଙ୍କ ମାଧ୍ୟମରେ ବିଭିନ୍ନ ଗ୍ରାମକୁ ଚାଲାଣ କରି ଭଲ ରୋଜଗାର କରିଥାନ୍ତି। ଘଟଣା ଦିନ ସମସ୍ତେ ଉପସ୍ଥିତ ରହି ମଦ ଚାଲାଣ ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ହଠାତ ସେଠାରେ ପୁଲିସ ପହଞ୍ଚିଥିଲା। ଗିରଫ ସମସ୍ତ ୫ ଅଭିଯୁକ୍ତ ପେଷାଦାର ଅପରାଧୀ ବୋଲି ପୁଲିସ ସୂଚନା ଦେଇଛି। କୃଷ୍ଣଚନ୍ଦ୍ର ମଲ୍ଲ ନାମରେ ଏରସମା ଥାନାରେ ପୂର୍ବରୁ ୨ଟି ମାମଲା ରହିଥିବା ବେଳେ କୃଷ୍ଣଚନ୍ଦ୍ର ସେଠୀ ନାମରେ ମଧ୍ୟ ୨ଟି ମାମଲା ରହିଛି। ସେହିପରି ଧରଣୀ କାଣ୍ଡି ନାମରେ ୫ ଟି, ଜଗନ୍ନାଥ ଗୁଡ଼ିଆ ନାମରେ ୪ଟି ଏବଂ ପୂର୍ଣ୍ଣ କାଣ୍ଡି ନାମରେ ପୂର୍ବରୁ ଏରସମା ଥାନାରେ ୫ଟି ସମାନ ଅପରାଧ ମୂଳକ ମାମଲା ରହିଥିବା ଥାନା ସୂତ୍ରରୁ ସୂଚନା ମିଳିଛି।

ଜିଲ୍ଲାସ୍ତରୀୟ ଶ୍ରମିକ ଦିବସ ପାଳିତ

# ୧୦୭୧ ଶ୍ରମିକ ପରିବାରକୁ ସହାୟତା ରାଶି ବଣ୍ଟନ

ଜଗତସିଂହପୁର,୨।୫(ସମିସ)

ଜଗତସିଂହପୁର ଜିଲ୍ଲାର ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି।

ଏହି ସମାରୋହରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୁ ପ୍ରସାଦ ତରାଇ, ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ, ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଅଧ୍ୟକ୍ଷ ଜିଲ୍ଲା ପରିଷଦ ଜିଲ୍ଲାପାଳ ଜେ ସୋନାଲ ଏବଂ ଶ୍ରମିକ ନେତା ଲୋଭାକାନ୍ତ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନିର୍ମାଣ ଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକ ମାନଙ୍କୁ



ଶ୍ରମିକ କଲ୍ୟାଣ ବୋର୍ଡ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସହାୟତା ରାଶି ଓ ଯୋଜନା ସମ୍ବନ୍ଧରେ ଆଲୋକପାତ କରିବା ସହିତ ଉପସ୍ଥିତ ଶ୍ରମିକମାନଙ୍କୁ ସଚେତନ କରାଇଥିଲେ। ଏହି ସମାରୋହରେ ଓଡିଶା ଅଣସଙ୍ଗଠିତ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ୪୦ ଜଣଙ୍କୁ ପରିଚୟ ପତ୍ର ଏବଂ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ୨୫୦ ଜଣଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଶିକ୍ଷା ସହାୟତା ରାଶି ୩୫୮ ଜଣଙ୍କୁ ୩୦ ଲକ୍ଷ ୩୩ ହଜାର ୪୦୦ ଟଙ୍କା, ବିବାହ ସହାୟତା ରାଶି ୫୯୨ଜଣଙ୍କୁ ୨ କୋଟି ୯୫ ଲକ୍ଷ ୫୦ ହଜାର ଟଙ୍କା, ପ୍ରସୂତିକାଳୀନ ସହାୟତା ୭ ଜଣଙ୍କୁ ୭୦ ହଜାର ଟଙ୍କା, ମୃତ୍ୟୁକାଳୀନ ସହାୟତା ୫୭ ଜଣଙ୍କୁ ୧.୬୭ କୋଟି ଟଙ୍କା ଓ ଅନ୍ତ୍ୟେଷ୍ଟିକାଳୀନ ସହାୟତା ୫୭ ଜଣଙ୍କୁ ଟ ୨.୮୫ ଲକ୍ଷ ଟଙ୍କା ଏହିପରି ସର୍ବମୋଟ ୧୦୭୧ ଜଣ ବିଭିନ୍ନ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ୪ କୋଟି ୯୬ ଲକ୍ଷ ୩୮ ହଜାର ୪ ଶହ ଟଙ୍କାର ଆର୍ଥିକ ସହାୟତା ବଣ୍ଟନ କରାଯାଇଥିଲା।

ଏହି ସମାରୋହକୁ ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ସ୍ମୃତିରେଖା ନାୟକ ପରିଚାଳନା କରିଥିଲେ। ସମାରୋହରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ବାବା ଆନନ୍ଦ ରଞ୍ଜନ ଦାସ, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ଶିବ ନାରାୟଣ ସାହୁ, ଅର୍ଚ୍ଚିତା ସାହୁ, ଶାନ୍ତନୁ କୁମାର ବ୍ରହ୍ମା, ଦେବାଶିଷ ମିଶ୍ର, ସହକାରୀ ଶ୍ରମ ଅଧିକାରୀ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇ ନିର୍ମାଣ ଶ୍ରମିକ ମାନଙ୍କୁ ଉତ୍ସାହିତ କରିଥିଲେ।

# ବଟଶ୍ରୀକ୍ଷେତ୍ରରେ ସୁଭଦ୍ରା ସନ୍ଧ୍ୟା



ଜଗତସିଂହପୁର,୨।୫(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପାଟେଣୀଗାଁ ସ୍ଥିତ ବଟଶ୍ରୀକ୍ଷେତ୍ର ଊନବିଂଶ ବାର୍ଷିକ ଉତ୍ସବର ସୁଭଦ୍ରା ସନ୍ଧ୍ୟା ପାଳିତ ହୋଇଯାଇଛି। ନିର୍ମାଲ୍ୟ ପତ୍ରିକାର ସଂପାଦିକା ମଧୁସ୍ମିତା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକମରେ ମୁଖ୍ୟଅତିଥି ରୂପେ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷିକା ଡ. ବିଜୟଲକ୍ଷ୍ମୀ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଉତ୍ସବରେ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ଓତା ସମ୍ମାନିତା ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସୁଭଦ୍ରା ସନ୍ଧ୍ୟାର ଏହି ଭବ୍ୟ ଉତ୍ସବରେ ବିଶିଷ୍ଟ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷିକା ଡ. ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କୁ 'ଶ୍ରୀସୁଭଦ୍ରା ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ତତ୍ ସଂଗେ ସଂଗେ ଶ୍ରୀମନ୍ଦିର ପୁରୀର ତୁଳସୀ ସେବିକା ସରୋଜିନୀ ପାତ୍ରଙ୍କୁ 'ପୂର୍ଣ୍ଣିମା ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ପୂର୍ବାହ୍ନରେ ମହିଳାମାନଙ୍କ ପାଇଁ ଆୟୋଜିତ ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ଜଣା ଅଜଣା କାର୍ଯ୍ୟକ୍ରମର ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭାରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସ୍ମିତା ଦାଶ ଏବଂ ମଞ୍ଚ ସଞ୍ଚାଳନ କରିଥିଲେ ବିଜୟଲକ୍ଷ୍ମୀ ମହାନ୍ତି। ଡ. ଶ୍ରଦ୍ଧାଞ୍ଜଳି ସ୍ୱାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ

# କେନ୍ଦ୍ରାପଡ଼ାରେ ୯୫.୯୭ ପ୍ରତିଶତ ପାସ୍

କେନ୍ଦ୍ରାପଡ଼ା, ୨।୫(ସମିସ)

ମାଟ୍ରିକ ପରୀକ୍ଷାରେ କେନ୍ଦ୍ରାପଡ଼ା ଜିଲ୍ଲା ଉତ୍କୃଷ୍ଟ ଫଳାଫଳ ସହ ଏକ ନୂଆ ମାଇଲଷ୍ଟୋନ ସୃଷ୍ଟି କରିଛି। ଜିଲ୍ଲାରେ ପାସ୍‌ହାର ୯୫.୯୭ ପ୍ରତିଶତ ରେକର୍ଡ ହୋଇଥିବାବେଳେ ମେଧାବୀ ଛାତ୍ର ଦେବଦର୍ଶୀ ମଣ୍ଡଳ ଜିଲ୍ଲା ଟପ୍ପର ହୋଇଛନ୍ତି। ଜିଲ୍ଲାର ୩୪୭ଟି ସ୍କୁଲରୁ ୧୯,୨୨୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବାବେଳେ ୧୮,୯୬୮ ଜଣ ପରୀକ୍ଷା ଦେଇଥିଲେ। ଏଥିରୁ ୧୮,୨୦୩ ଜଣ ସଫଳ ହୋଇଛନ୍ତି। ଛାତ୍ରମାନଙ୍କ ମଧ୍ୟରୁ ୮୯୮୦ ଜଣ ଓ ଛାତ୍ରୀଙ୍କ ମଧ୍ୟରୁ ୯୨୨୩ ଜଣ ପାସ୍ କରିଛନ୍ତି। ଏ-୧ ଗ୍ରେଡରେ ୫୩ ଜଣ, ଏ-୨ ଗ୍ରେଡରେ ୪୭୭, ବି-୧ ଗ୍ରେଡରେ




**ଦେବଦର୍ଶୀ ଜିଲ୍ଲା ଟପ୍ପର**

୧୪୨୯, ବି-୨ ଗ୍ରେଡରେ ୨୯୨୮, ସି-ଗ୍ରେଡରେ ୪୩୭୪, ଡି-ଗ୍ରେଡରେ ୫୨୨୦ ଓ ଇ-ଗ୍ରେଡରେ ୩୭୨୨ ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ୭୬୫ ଜଣ ଅସଫଳ ହୋଇଥିବାବେଳେ ଜିଲ୍ଲାର ୧୧୮ଟି ସ୍କୁଲରେ ଶତପ୍ରତିଶତ ପାସ୍‌ହାର ରହିଥିବା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ସୂଚନା ଦେଇଛନ୍ତି।

ମହାକାଳପଡ଼ା ବ୍ଲକ୍ ଖରିନାସୀ ହାଇସ୍କୁଲ ଛାତ୍ର ଦେବଦର୍ଶୀ ମଣ୍ଡଳ ୫୭୧ ନମ୍ବର (୯୫.୧୭ ପ୍ରତିଶତ) ରଖି ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରାମନଗର ଗ୍ରାମର ନକୁଳ ଚନ୍ଦ୍ର ମଣ୍ଡଳ ଓ ସନ୍ଧ୍ୟାରାଣୀ ମଣ୍ଡଳଙ୍କ ସାନପୁଅ ଦେବଦର୍ଶୀ ଦିନକୁ ୧୦ରୁ ୧୨ ଘଣ୍ଟା ପଢ଼ି ଏହି ସଫଳତା ହାସଲ କରିଛନ୍ତି। ପ୍ରଥମ ଶ୍ରେଣୀରୁ ମାଟ୍ରିକ ପର୍ଯ୍ୟନ୍ତ ସେ ସଦା ପ୍ରଥମ ହୋଇଆସୁଥିବାବେଳେ ଭବିଷ୍ୟତରେ ଇସ୍ରୋରେ ବୈଜ୍ଞାନିକ ହୋଇ ଦେଶସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି। ତାଙ୍କ ପିତା ଜଣେ ଶିକ୍ଷକ ଓ ମା' ଗୃହିଣୀ। ଦେବଦର୍ଶୀଙ୍କ ସଫଳତା ନେଇ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ଶ୍ରମିକ ଦିବସରେ ଖବରକାଗଜ ବିତରକଙ୍କୁ ସମ୍ବର୍ଦ୍ଧନା



ରାଜନଗର, ୨।୫(ସମିସ): ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ବିଶ୍ୱ ଶ୍ରମିକ ଦିବସ ଅବସରରେ ରାଜନଗର ବ୍ଲକର ସମସ୍ତ ଖବରକାଗଜ ବିତରକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକଙ୍କ ପାଇଁ ଆଜି ବିଶ୍ୱର ଉନ୍ନତି ହେଉଛି ବୋଲି କହିଥଲେ। ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାଜଭୂମିର ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ ସଂଯୋଜନା କରିଥିଲେ। ଅତିଥି ଭାବେ ଏବିଇଓ ବିଜୟ ଜେନା, ପ୍ରଫେସର ସତ୍ୟବାଦୀ ଜେନା, ଅଧାପକ ଭଗବତୀ ରାଉତ, ମେଜର ଗଗନ ବିହାରୀ ସ୍ୱାଇଁ, ଡାକ୍ତର ଘନଶ୍ୟାମ ମିଶ୍ର , ଶିକ୍ଷାବିତ ରବିନାରାୟଣ ଲେଙ୍କା, ତନୁଶ୍ରୀ ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରମିକ ଦିବସର ତାପର୍ଯ୍ୟ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ। ଏ ଅବସରରେ ଅଶୋକ ମଲ୍ଲିକ, ବଟକୃଷ୍ଣ ମହାକୁଳ, ସୁରେଶ ମହାଳି, ଅଶୋକ ମହାରଣା, ସୁବ୍ରତ ବେହେରା, ସମରେନ୍ଦ୍ର ମନ୍ତ୍ରୀ, ସନ୍ତୋଷ ମଣ୍ଡଳ, ବିଘ୍ନେଶ୍ୱର ବାରିକ, ସୁବ୍ରତ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୦ ଜଣ ଖବରକାଗଜ ବିତରକଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ଜଗନ୍ନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବେଶ୍ୱର ସାହୁ ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧକ୍ଷ

ପଟ୍ଟାମୁଣ୍ଡାଇ,୨।୫(ସମିସ): ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧକ୍ଷ ଭାବେ ରାଜନୀତି ବିଜ୍ଞାନ ବିଭାଗ ବରିଷ୍ଠ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁ ଅବସର ଗ୍ରହଣ କରିଥିବା ବିଦାୟୀ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଅଧକ୍ଷ ଦାୟିତ୍ୱ ଗ୍ରହଣ କରିବା ସମୟରେ କଲେଜର ବହୁ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ନୂତନ ଅଧକ୍ଷ ପ୍ରଫେସର ଶ୍ରୀ ସାହୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।



## ବିନିତ ଷଡ଼ଙ୍ଗୀ କେନ୍ଦ୍ରାପଡ଼ା ବ୍ଲକ୍ ଟପ୍ପର



କେନ୍ଦ୍ରାପଡ଼ା, ୨।୫(ସମିସ): କେନ୍ଦ୍ରାପଡ଼ା ବ୍ଲକର ମେହେନ୍ଦିପୁର ଲାଲବାହାଦୂର ସରକାରୀ ଉଚ୍ଚବିଦ୍ୟାଳୟ ଛାତ୍ର ବିନିତ କୁମାର ଷଡଙ୍ଗୀ ୫୬୪ ନମ୍ବର (୯୪ ପ୍ରତିଶତ) ରଖି ବ୍ଲକ ଟପ୍ପର ହେବା ସହ ଜିଲ୍ଲାରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଦିନକୁ ୮ରୁ ୧୨ ଘଣ୍ଟା ପରିଶ୍ରମ କରିଥିବା ବିନିତ ଭବିଷ୍ୟତରେ ଜଣେ ଭାରତୀୟ ପ୍ରଶାସନିକ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଛନ୍ତି। ତାଙ୍କ ପିତା ଜଣେ ଶିକ୍ଷକ ଓ ମା' ଗୃହିଣୀ। ଛାତ୍ରଛାତ୍ରୀଙ୍କ ପରିଶ୍ରମ, ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ଅଭିଭାବକଙ୍କ ସହଯୋଗ ଏହି ସଫଳତାର ମୂଳ ଆଧାର ବୋଲି ମତ ପ୍ରକାଶ ପାଇଛି।

## ଦେବୀପ୍ରଜ୍ଞା ଦେ ପଟ୍ଟାମୁଣ୍ଡାଇ ବ୍ଲକ୍ ଟପ୍ପର



ପଟ୍ଟାମୁଣ୍ଡାଇ: ଆଜି ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ହାଇସ୍କୁଲର ୯ ଜଣ ଛାତ୍ରଛାତ୍ରୀ ବିଶେଷ ସଫଳତା ହାସଲ କରି ଏ୧ ଗ୍ରେଡ଼ ହାସଲ କରିଛନ୍ତି। ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ତଥା ପ୍ରଶାନ୍ତ କୁମାର ଦେ ଓ ଡଲି ଦାସଙ୍କ କନ୍ୟା ଦେବୀପ୍ରଜ୍ଞା ଦେ ସର୍ବୋଚ୍ଚ ୫୫୫ ନମ୍ବର ରଖି ପଟ୍ଟାମୁଣ୍ଡାଇ ବ୍ଲକ ଟପ୍ପର ହୋଇଛନ୍ତି। ଦେବୀପ୍ରଜ୍ଞା ତାଙ୍କ ସଫଳତାର ଶ୍ରେୟ କଠିନ ପରିଶ୍ରମ, ଈଶ୍ୱରଙ୍କ ଆଶୀର୍ବାଦ, ଗୁରୁଜୀ ଗୁରୁମା ଓ ପିତାମାତା, ଗୁରୁଜନଙ୍କ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇଛି ବୋଲି ପ୍ରକାଶ କରିଛନ୍ତି। ଭବିଷ୍ୟତରେ ଡାକ୍ତର ହୋଇ ଗରିବ ଲୋକଙ୍କ ସେବା କରିବା ତାଙ୍କର ଲକ୍ଷ୍ୟ ବୋଲି ପ୍ରକାଶ କରିଛନ୍ତି। ମଦନପୁର ଯୁକେ ମହାବୀର ହାଇସ୍କୁଲ ଛାତ୍ର ସୌମ୍ୟକାନ୍ତ ସାହୁ ୫୪୫ ନମ୍ବର ରଖି ଏ୧ ଗ୍ରେଡ୍ ହାସଲ କରିବା ସହିତ ବ୍ଲକରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଆଶା ପ୍ରିୟଦର୍ଶିନୀ ପାତ୍ର, ସୁଭଦ୍ରା ପ୍ରଧାନ ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲ ଛାତ୍ରୀ ଅଭିଲିପ୍ସା ରାଉତ, ସାନଜରିଆ ହାଇସ୍କୁଲର ରୁଦ୍ର ପ୍ରଧାନ ୫୪୦ ନମ୍ବର ରଖି ଏ ୧ଗ୍ରେଡ଼ ହାସଲ କରିଛନ୍ତି। ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସୌମ୍ୟକାନ୍ତଙ୍କ ବ୍ୟତୀତ ମଦନପୁର ଯୁକେ ମହାବୀର ହାଇସ୍କୁଲର ୩ ଜଣ ଏ୧ ଗ୍ରେଡ୍ ପାଇଥିବାରୁ ସମୁଦାୟ ୪ ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡ୍ ପାଇଛନ୍ତି। ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ବ୍ଲକ ଟପ୍ପର ସହ ୨ ଛାତ୍ରୀ ଏ୧ ଗ୍ରେଡ୍, ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲ ଛାତ୍ରୀ ଏ୧ ଗ୍ରେଡ୍ ଓ ସାନଜରିଆ ହାଇସ୍କୁଲ ଛାତ୍ର ଏ୧ ଗ୍ରେ ସହିତ ପଟ୍ଟାମୁଣ୍ଡାଇ ବ୍ଲକରେ ସମୁଦାୟ ୯ ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡ଼ ହାସଲ କରିଛନ୍ତି। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ ଓ ଶିକ୍ଷାବିତ ସୁରେଶ ଜେନା ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ପ୍ରିୟାଂଶୁ ପଲାଇ ରାଜକନିକା ବ୍ଲକ୍ ଟପ୍ପର



ରାଜକନିକା: ଆଜି ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ରାଜକନିକା ବ୍ଲକର ୩୬ଟି ହାଇସ୍କୁଲ ମଧ୍ୟରୁ ୩ଟି ହାଇସ୍କୁଲର ଛାତ୍ରଛାତ୍ରୀ ଏ-୧ ର୍‌ୟାଙ୍କ ପାଇଛନ୍ତି। ଆରଏନ ହାଇସ୍କୁଲ ଛାତ୍ର ପ୍ରିୟାଂଶୁ ପଲାଇ ୫୪୫ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବାବେଳେ ଜୟନଗର ପଞ୍ଚାୟତ ନୋଡାଲ ହାଇସ୍କୁଲ ଛାତ୍ର ପ୍ରଭୁଦତ୍ତ ରାଉତ ୫୪୨ ନମ୍ବର ରଖି ଦ୍ୱିତୀୟ ଓ ବରାଡିଆ ନୋଡାଲ ହାଇସ୍କୁଲ ଛାତ୍ରୀ ଶୁଚିସ୍ମିତା ଦାସ ୫୪୦ ନମ୍ବର ରଖି ତୃତୀୟ ହୋଇଛନ୍ତି।

## ମାର୍ଶାଘାଇ ବ୍ଲକ୍ ଟପ୍ପର ଓମ ପ୍ରକାଶ



ମାର୍ଶାଘାଇ: ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ୨୦୨୬ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ମାର୍ଶାଘାଇ ବ୍ଲକ ଜଳପୋକ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଛାତ୍ର ଓମପ୍ରକାଶ ସାହୁ ୫୬୬ ନମ୍ବର (୯୪.୩୩ ଶତକଡା) ରଖି ମାର୍ଶାଘାଇ ବ୍ଲକ ଟପ୍ପର ହୋଇଛନ୍ତି। ମାର୍ଶାଘାଇ ସରକାରୀ ଉଚ୍ଚବିଦ୍ୟାଳୟ ଛାତ୍ର ଶ୍ରଦ୍ଧାଞ୍ଜଳି ବେହେରା ୫୬୩ ନମ୍ବର (୯୩.୮ ପ୍ରତିଶତ) ରଖି ବ୍ଲକ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଜଳପୋକ ପଞ୍ଚାୟତ ହାଇସ୍କୁଲ ଛାତ୍ର ସମ୍ରାଟ ବାଣୀପ୍ରସାଦ ଦାସ ୫୫୧ ମାର୍କ (୯୧.୮୩ ପ୍ରତିଶତ) ରଖି ବିଦ୍ୟାଳୟରେ ଦ୍ୱିତୀୟ, ଛାତ୍ରୀ ଅଙ୍କିତା ଚୌଧୁରୀ ୫୪୦ ନମ୍ବର ରଖି ବିଦ୍ୟାଳୟରେ ଦ୍ୱିତୀୟ ହୋଇଛନ୍ତି। ପିକରାଳି କପିଳମୁନି ଉଚ୍ଚବିଦ୍ୟାଳୟର ୨ ଜଣ ଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସାଗର ସାମନ୍ତରାୟ ୫୪୦ ନମ୍ବର, ପ୍ରକାଶ ପଣ୍ଡା ୫୪୦ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ପଞ୍ଚାୟତ ହାଇସ୍କୁଲ ଅଙ୍ଗୁଳାଇ ବିଶ୍ୱଜିତ୍ ପତି ୫୪୦ ମାର୍କ, ଗରଜଙ୍ଗା ସରକାରୀ ଉଚ୍ଚବିଦ୍ୟାଳୟ ଛାତ୍ର କୈଳାସ ଷଡ଼ଙ୍ଗୀ ୫୪୦ ମାର୍କ, ଅନ୍ତେଇ ହାଇସ୍କୁଲ ଅକ୍ଷୟଜ୍ୟୋତି ସୂତାର ୫୪୩ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ବ୍ଲକ ନୋଡ଼ାଲ ପ୍ରଧାନଶିକ୍ଷକ ଗୋପୀନାଥ ବେହେରା ପ୍ରକାଶ କରିଛନ୍ତି।

## ରାଜନଗର ବ୍ଲକ୍ ଟପ୍ପର ସତ୍ୟଜିତ୍ ଜେନା



ରାଜନଗର: ମାଟ୍ରିକ ପରୀକ୍ଷାରେ ରାଜନଗର ବ୍ଲକ୍‌ରେ ସର୍ବୋଚ୍ଚ ନମ୍ବର ରଖି କରି ସତ୍ୟଜିତ୍ ଜେନା ଟପ୍ପର ହୋଇଛନ୍ତି। ସେ ୫୪୦ (ଏ୧) ନମ୍ବର ରଖି ଏହି ସଫଳତା ହାସଲ କରିଛନ୍ତି। ସତ୍ୟଜିତ୍ ବନବିହାରୀଜିଉ ସରକାରୀ ହାଇସ୍କୁଲ ଗୋପାଳପୁରର ଛାତ୍ର। ସେ ଅଧିବକ୍ତା ସୁଶାନ୍ତ ଜେନା ଓ ରଶ୍ମିତା ରାଉତଙ୍କ ପୁତ୍ର। ତାଙ୍କର ଏହି ସଫଳତାକୁ ନେଇ ଶିକ୍ଷକମଣ୍ଡଳୀ, ସ୍କୁଲ ପରିଚାଳନା ସମିତି ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଭବିଷ୍ୟତରେ ସେ ଉଚ୍ଚଶିକ୍ଷା ଗ୍ରହଣ କରି ଦେଶ ଓ ସମାଜ ପାଇଁ କିଛି କାମ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ମହାକାଳପଡ଼ାରେ କୀର୍ତ୍ତିକ୍ରିଷ୍ଟା ପ୍ରିୟଦର୍ଶିନୀ ଟପ୍ପର



ମହାକାଳପଡ଼ା: ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ କୀର୍ତ୍ତିକ୍ରିଷ୍ଟା ପ୍ରିୟଦର୍ଶିନୀ ବ୍ଲକ୍ ଟପ୍ପର ହୋଇଛନ୍ତି। ସେ ବ୍ରଜବୁଢ଼ୀ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ। ୫୪୦ ନମ୍ବର ରଖି ଏହି ସଫଳତା ପାଇଛନ୍ତି। ତାଙ୍କର ଏହି ଉଲ୍ଲେଖନୀୟ ଫଳାଫଳ ପାଇଁ ବିଦ୍ୟାଳୟ ପକ୍ଷରୁ ଖୁସି ପ୍ରକାଶ ପାଇଥିବା ସହ ଶିକ୍ଷକମଣ୍ଡଳୀ ଓ ଅଭିଭାବକ ଶୁଭେଚ୍ଛା ଜଣାଇଛନ୍ତି। କୀର୍ତ୍ତିକ୍ରିଷ୍ଟା ତାଙ୍କ ସଫଳତାର ଶ୍ରେୟ ବାପା କୁମର ଜେନା ଓ ମା' ତପସ୍ୱିନୀ ଜେନା, ଶିକ୍ଷକ କ୍ଷୀରୋଦ ପ୍ରସାଦ ମହାପାତ୍ର ଓ ଦିଲ୍ଲୀପ ପ୍ରହରାଜଙ୍କୁ ଦେଇଛନ୍ତି। ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

## ଡେରାବିଶ ବ୍ଲକ୍‌ରେ ୧୪ ଜଣଙ୍କୁ ଏ-୧ ଗ୍ରେଡ୍



ଡେରାବିଶ: ଡେରାବିଶ ବ୍ଲକ୍‌ରେ ୧୪ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି। ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟର ୧୦ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍‌ରେ ପାସ୍ କରି ସର୍ବାଧିକ ଏ-୧ଗ୍ରେଡ୍ ପାସ୍‌ଧାରୀ ବିଦ୍ୟାଳୟ ଭାବେ କେନ୍ଦ୍ରାପଡ଼ା ଜିଲ୍ଲାରେ ଖ୍ୟାତି ଅର୍ଜନ କରିଛି। ଏଥିସହିତ ଏହି ବିଦ୍ୟାଳୟର ଛାତ୍ରୀ ଏସ୍. ଆର. ସୋନାଲି ଶ୍ୱେତାଲିନା ଦାଶ ୫୭୦ ନମ୍ବର ରଖି ଡେରାବିଶ ବ୍ଲକ୍ ଟପ୍ପର ହୋଇଛନ୍ତି। ପୂର୍ବ ବର୍ଷ ଭଳି ଏହି ବିଦ୍ୟାଳୟରେ ପରୀକ୍ଷା ଦେଇଥିବା ୨୦୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏ୧-୧୦, ଏ୨-୫୧, ବି୧-୭୧, ବି୨-୫୪ ଓ ସି ଗ୍ରେଡ୍‌ରେ ୧୯ ଜଣ ପାସ୍ କରି ଶତପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦୋହଳିସ୍ଥ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ବିଦ୍ୟାଳୟ, ଦାମୋଦରଜୀଉ ବିଦ୍ୟାପୀଠ, ରାମଚଣ୍ଡୀ ଶିକ୍ଷା ନିକେତନ ଛୋଟି ଓ ଶାରଦା ଏକାଡେମୀ ଛକନାରୁ ଜଣେ ଲେଖାଏ ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି।

## ସୁଧାଂଶୁ ଆଳି ବ୍ଲକ୍ ଟପ୍ପର



ଆଳି: ଚଳିତବର୍ଷ ମ୍ୟାଟ୍ରିକ୍ ପରୀକ୍ଷାରେ ପୁଅଙ୍କ ତୁଳନାରେ ଝିଅଙ୍କ ପାସ ହାର ବେଶୀ ଥିବାବେଳେ ଆଳି ବ୍ଲକ ଚକ୍ରଧର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ସୁଧାଂଶୁ ଶେଖର ରାଉତ ୫୫୮ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ଆଳି-ସିଙ୍ଗିରି ପଞ୍ଚାୟତର ମହାସାହାଣି ଗ୍ରାମ ଶ୍ୟାମସୁନ୍ଦର ରାଉତଙ୍କ ପୁତ୍ର ସୁଧାଂଶୁ ଶେଖର ରାଉତ ପ୍ରତିଦିନ ୮ ଘଣ୍ଟା ପରିଶ୍ରମ କରୁଥିବାବେଳେ ଶ୍ରେୟ ମାତାପିତାଙ୍କ ସହ ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି।

## ରାଜନଗର କଳାକାର କ୍ଲବ୍ ବୈଠକ



ରାଜନଗର,୨।୫(ସମିସ): ପ୍ରାଚୀନ ଶକ୍ତିପୀଠ ଜରିମୂଳ ମା' ମାଟିଆ ମଙ୍ଗଳା ପରିସରରେ ନବଗଠିତ ରାଜନଗର ବ୍ଲକ କଳାକାର କ୍ଲବ୍‌ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ଷୀଆନ କଳାକାର କ୍ଷୀରୋଦ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ମଞ୍ଚ ଓ ଅନ୍ୟ ବିଭାଗର କଳାକାର ଯୋଗ ଦେଇଥିଲେ। କଳାକାରମାନେ ସେମାନଙ୍କର ଶିକ୍ଷା ଗୁରୁ ତଥା ଉପକୂଳ ଅଞ୍ଚଳର ସୁନାମଧନ୍ୟ ଅଭିନେତା ସ୍ୱର୍ଗତ ଅଜ ବେହେରାଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଜନ୍ମମାଟି ରାଜନଗରରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କଳାକାର କାହ୍ନୁଚରଣ ଚଣ୍ଡ, କ୍ଷୀରୋଦ ବେହେରା, ଦିବାକର ଜେନା, ଶରତ ସ୍ୱାଇଁ, ପରୀକ୍ଷିତ ନାୟକ, ସୁକଦେବ ପ୍ରଧାନ, ପ୍ରଫୁଲ ଦାସ, ନରେନ୍ଦ୍ର ବେହେରା, ହୃଷିକେଶ ସ୍ୱାଇଁ, ପ୍ରଦୀପ ନାଥ, ରମେଶ ବିଶ୍ୱାଳ, ଗୌରାଙ୍ଗ ଜେନା, କେଦାର ନାୟକ, ହେମନ୍ତ ସିଂହ, ରଞ୍ଜୁ ସାମଲ, ଶଶଧର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ବ୍ରଜବନ୍ଧୁ ବିଦ୍ୟାଳୟରେ ପୋଷାକ ବିତରଣ



ରାଜକନିକା,୨।୫(ସମିସ): ରାଜକନିକା ସଦରର ଆରସାଠାରେ ଅବସ୍ଥିତ ବ୍ରଜବନ୍ଧୁ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଛି। ବିଜେପିର ବରିଷ୍ଠ ନେତ୍ରୀ ଜିତା ଦାସଙ୍କ ନିଜ ପଞ୍ଚାୟତରେ ଥିବା ଏହି ବିଦ୍ୟାଳୟକୁ ପରିଦର୍ଶନରେ ଆସିଥିବାବେଳେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ତାଙ୍କ ଦ୍ୱାରା ପୋଷାକ ବିତରଣ କରାଯାଇଥିଲା। ପ୍ରଧାନଶିକ୍ଷକ ବିମ୍ବାଧର ନାୟକ, ଶିକ୍ଷକ ଗଗନ ବିହାରୀ ମିଶ୍ର, ଶରତ ପଢ଼ିହାରୀ ଓ କମଳାକାନ୍ତ ମିଶ୍ରଙ୍କ ସହ ଆଲୋଚନା କରିବା ସହିତ ବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତି ନିମନ୍ତେ ଆବଶ୍ୟକତା ପଚାରି ବୁଝିଥିଲେ। ବିଦ୍ୟାଳୟର ସମସ୍ତ ଆବଶ୍ୟକତା ବିଷୟରେ ସରକାରଙ୍କୁ ଅବଗତ କରାଇ ସମସ୍ୟାର ସମାଧାନ କରାଯିବ ବୋଲି ଶ୍ରୀମତୀ ଦାସ ପ୍ରତିଶ୍ରୁତି ଦେଇଥିଲେ।

## ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜ ଫେରାଇଲେ କଂଗ୍ରେସ ନେତା

ରାଜନଗର, ୨।୫(ସମିସ): ତାଳଚୁଆରୁ ରାଜନଗର ଫେରୁଥିବା ସମୟରେ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ରାଉତ ଜୁଣଗଡ଼ି ନିକଟରେ ବ୍ୟାଗ୍ ପାଇଥିଲେ। ଏଥିରେ ଟଙ୍କା, ଆଧାର କାର୍ଡ, ଏଟିଏମ କାର୍ଡ ଖାତା ଦେଖିଥିଲେ। ସଙ୍ଗେସଙ୍ଗେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଆଜି ସକାଳୁ ଈଶ୍ୱରପୁର ମଧୁପୁର ନିବାସୀ ପରମେଶ୍ୱର ଦାସ ଯୋଗାଯୋଗ କରିଥିଲେ। ସେ କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କର ସଠିକ ପ୍ରମାଣ ଦେଇ ହଜିଯାଇଥିବା ସମସ୍ତ ମୂଲ୍ୟବାନ କାଗଜପତ୍ର ସହିତ ନଗଦ ୯ ହଜାର ଟଙ୍କା ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତଠାରୁ ନେଇଥିବା ଜଣାପଡ଼ିଛି।




## ମାରଣାସ୍ତ୍ର ଧରି ଗାଁରେ ୩ ଯୁବକଙ୍କ ଉନ୍ମତ୍ତକାଣ୍ଡ

ରାଜନଗର, ୨।୫(ସମିସ): ରାଜନଗର ଥାନା ଅନ୍ତର୍ଗତ ପରିପାଙ୍ଗରା ଗ୍ରାମରେ ଗତକାଲି ରାତିରେ ୩ ଜଣ ଯୁବକ ଫାର୍ସା, ଭୁଜାଲି, ଛୁରୀ ଧରି ଆତଙ୍କ ଖେଳାଇଛନ୍ତି। ଗ୍ରାମବାସୀ ସେମାନଙ୍କୁ କାବୁ କରି ପୁଲିସକୁ ଖବର ଦେଇଥିଲେ। ପୁଲିସ ୩ ଜଣଙ୍କୁ ଥାନାକୁ ଆଣିବା ସହ ସେମାନଙ୍କଠାରୁ ଫାର୍ସା ଜବତ କରିଛି। ଗାଁର ପ୍ରଫୁଲ ପାଣ୍ଡବ, ଅକ୍ଷୟ ପାଣ୍ଡବଙ୍କ ସହିତ ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ରାଜନଗର ଥାନାରେ କରିଥିବା ଲିଖିତ ଅଭିଯୋଗ ମୁତାବକ ଗତକାଲି ରାତି ପ୍ରାୟ ସାଢେ ୧୦ଟାରେ ୩ ଜଣ ଯୁବକ ଗାଁରେ ପହଞ୍ଚି ଆତଙ୍କ ଖେଳାଇଥିଲେ। ଗୋଖଣି ଗାଁର ଅବିନାଶ ରାଉତ, ଅଶୋକ ରାଉତ, ମଳୟ ପ୍ରଧାନ ପ୍ରମୁଖ ବାଇକ୍‌ରେ ଆସି ଶ୍ରୀଧର ପ୍ରସାଦ ଷଣ୍ଢଙ୍କୁ ଗାଳିଗୁଲଜ କରିବା ସହ ବେକରେ ଭୁଜାଲି ଲଗାଇଥିଲେ। ଶ୍ରୀଧରଙ୍କ ଚିତ୍କାର ଶୁଣି ଗାଁରେ ଭୋଜିଭାତ ହେଉଥିବାରୁ ଲୋକେ ଦୌଡ଼ି ଆସିଥିଲେ। ଗ୍ରାମବାସୀ ୩ ଯୁବକଙ୍କୁ କାବୁ କରି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ୩ ଜଣ ଯୁବକଙ୍କୁ ଥାନାକୁ ନେଇଥିଲା।

## ବ୍ରାଉନସୁଗର ଓ ମଦ ଜବତ, ୯ ଗିରଫ

କେନ୍ଦ୍ରାପଡ଼ା,୨।୫(ସମିସ): ଜିଲ୍ଲାରେ ବୃଦ୍ଧି ପାଉଥିବା ବ୍ରାଉନସୁଗର ଓ ଚୋରାମଦ ବ୍ୟବସାୟକୁ ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଲଗାତର ଚଢ଼ଉ ଜାରି ରହିଛି। ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଥାନା ଅଞ୍ଚଳରେ ହୋଇଥିବା ଚଢ଼ଉରେ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପ୍ରଥମ ଘଟଣାରେ କେନ୍ଦ୍ରାପଡ଼ା ଟାଉନ, ତନ୍ତିଆପାଳ ମେରାଇନ, ମାର୍ଶାଘାଇ ଓ ରାଜକନିକା ଥାନା ଅଞ୍ଚଳରେ ଚଢ଼ଉ କରାଯାଇ ୬ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ୬୦ ଗ୍ରାମ ବ୍ରାଉନସୁଗର ଓ ୧୪୪ ଲିଟର ବିଦେଶୀ ଓ କିଛି ପରିମାଣର ଦେଶୀ ମଦ ଜବତ ହୋଇଥିଲା। ଦ୍ୱିତୀୟ ଘଟଣାରେ କେନ୍ଦ୍ରାପଡ଼ା ଟାଉନ ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚଢ଼ଉ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ନିକଟରୁ ସମୁଦାୟ ୧୧୫ ଗ୍ରାମ ବ୍ରାଉନସୁଗର ଓ ଗୋଟିଏ ସ୍କୁଟି ଜବତ ହୋଇଥିଲା। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ପ୍ରାୟ ୧୧ ଲକ୍ଷ ୧୫ ହଜାର ଟଙ୍କା ହେବ। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ଋତୁପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, କଳ୍ପନା ରାଉତ, ଛାୟାକାନ୍ତ ନାୟକଙ୍କ ସହ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## କେନ୍ଦ୍ରାପଡ଼ା କଲେଜ ଛାତ୍ରଛାତ୍ରୀଙ୍କ କୃତିତ୍ୱ

କେନ୍ଦ୍ରାପଡ଼ା,୨।୫(ସମିସ): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ୬ଜଣ ଛାତ୍ରଛାତ୍ରୀ ଏବଂ ପଦାର୍ଥ ବିଜ୍ଞାନର ଜଣେ ଛାତ୍ର ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଅନ୍ତର୍ଜାତୀୟ ଫାଇନାନସିଆଲ ଟେକ୍ନୋଲୋଜି ନେଟୱାର୍କ ଦ୍ୱାରା ପ୍ରଦତ୍ତ ସାର୍ଟିଫିକେଟ୍ ଇନ୍ ଫିନ୍‌ଟେକ୍ ଆଣ୍ଡ ଇନସରଟେକ କୋର୍ସ ପାଇଁ ମନୋନୀତ ହୋଇଛନ୍ତି। ସାରା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଲିଖିତ ପରୀକ୍ଷା ମାଧ୍ୟମରେ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି କୋର୍ସ ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ। ଏହି ସଫଳତାରେ ମହାବିଦ୍ୟାଳୟ ଅଧକ୍ଷ ଶାନ୍ତନୁ କୁମାର ଜେନା ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସମସ୍ତ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ବାଣିଜ୍ୟ ବିଭାଗ ଅଧ୍ୟାପକ ବିକାଶ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହି ପରୀକ୍ଷା ପାଇଁ ପ୍ରସ୍ତୁତି କରିଥିଲେ।



# ଆନ୍ତର୍ଜାତିକ ଶ୍ରମିକ ଦିବସ ସମାରୋହ








କେନ୍ଦ୍ରାପଡ଼ା,୨।୫(ସମିସ):

ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ନିର୍ମାଣ ଶ୍ରମିକଙ୍କ ପାଇଁ ବିଶେଷ ସହାୟତା ବଣ୍ଟନ ଶିବିର ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ଶ୍ରମିକଙ୍କ ସମାଜ ଗଠନରେ ଅପୂର୍ବ ଅବଦାନ ଥିବା କହିଥିଲେ। ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ଏ ଅବସରରେ ଉପସ୍ଥିତ ରହି ଶ୍ରମିକ କଲ୍ୟାଣ ଉଦ୍ୟମକୁ ସମର୍ଥନ ଜଣାଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହମନସିଂ ଶିବିରର ଉଦ୍ଦେଶ୍ୟ ବାଖ୍ୟା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶ୍ରମ ଅଧିକାରୀ କନିଷ୍କ ନାରାୟଣ ପରିଚାଳନା କରିଥିଲେ। ଏଥିରେ ଅନ୍ୟାନ୍ୟ ଶ୍ରମ ବିଭାଗର କର୍ମକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ଏହି ଶିବିରରେ ବିଭିନ୍ନ ଶ୍ରେଣୀର ସହାୟତା ରାଶି ବଣ୍ଟନ କରାଯାଇଥିଲା। ବିବାହ ସହାୟତା ଭାବେ ୧ ଜଣଙ୍କୁ ୫୦ ହଜାର ଟଙ୍କା, ମୃତ୍ୟୁ ସହାୟତା ଭାବେ ୩୦ ଜଣଙ୍କୁ ୮୪ ଲକ୍ଷ ଟଙ୍କା, ଶିକ୍ଷା ସହାୟତା ଭାବେ ୨୬ ଜଣଙ୍କୁ ୧ ଲକ୍ଷ ୩୦ ହଜାର ଟଙ୍କା, ମାତୃତ୍ୱ ସହାୟତା ଭାବେ ୯୭ ଜଣଙ୍କୁ ୧୨ ଲକ୍ଷ ୩୯ ହଜାର ଟଙ୍କା ଓ ଅନ୍ୟାନ୍ୟ ସହାୟତା ଭାବେ ୩୦ ଜଣଙ୍କୁ ୩ ଲକ୍ଷ ଟଙ୍କା ବଣ୍ଟନ କରାଯାଇଥିଲା। ମୋଟ ୧୮୪ ଜଣ ନିର୍ମାଣ ଶ୍ରମିକଙ୍କୁ ୧ କୋଟି ୧ ଲକ୍ଷ ୧୯ ହଜାର ଟଙ୍କାର ସହାୟତା ଦିଆଯାଇଥିଲା। ଏହାସହିତ ୨୦୦ ଜଣ ନିର୍ମାଣ ଶ୍ରମିକ ଓ ୨୦ ଜଣ ଅଣସଂଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ସମାଜର ଅନ୍ୟତମ ଆଧାର ଥିବା ଶ୍ରମିକଙ୍କୁ ସୁରକ୍ଷା ଓ ସହାୟତା ଦେବାରେ ଏହି ପଦକ୍ଷେପ ଏକ ସକାରାତ୍ମକ ଉଦ୍ୟମ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ଜଣ ନିର୍ମାଣ ଓ ଅଣସଂଗଠିତ ଶ୍ରମିକ, ଟ୍ରେଡ୍ ୟୁନିଅନ୍ ପ୍ରତିନିଧି, ମିଡିଆ କର୍ମୀ ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ।

ପଟ୍ଟାମୁଣ୍ଡାଇ: ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ କୋର୍ଟ ପରିସରରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ସଭାପତି ତଥା ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ଅତିରିକ୍ତ ଜିଲ୍ଲା କୋର୍ଟ ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟ ଓ ସରକାରୀ ଓକିଲ ଧୀରେନ୍ଦ୍ର ସାହୁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅତିରିକ୍ତ ସିଭିଲ ବିଚାରପତି ଜେଏମଏଫ୍‌ସି ଡ଼ି. କେ. ବାଲକ୍ରିଷନ, ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ଗୋପୀନାଥ ତ୍ରିପାଠୀ, ସମ୍ପାଦକ ରବୀନ୍ଦ୍ର ଦାଶ, ବରିଷ୍ଠ ଆଇନଜୀବୀ ବିଜୟ ରାଉତ ପ୍ରମୁଖ ଯୋଗ ଦେଇ ଶ୍ରମିକ ଦିବସର ମହତ୍ୱ ଓ ଶ୍ରମିକଙ୍କ ସୁରକ୍ଷା ପାଇଁ ଥିବା ବିଭିନ୍ନ ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ରିଟେନର ଗୀତାଞ୍ଜଳି ପୃଷ୍ଟି, ଆଇନଜୀବୀ ହୃଦାନନ୍ଦ ମହାନ୍ତି, ପ୍ରଫୁଲ୍ଲ ଦାଶ, ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ କର୍ମକର୍ତ୍ତା ଲିଗାଲ ଏଡ୍ କର୍ମକର୍ତ୍ତା ଅପର୍ଣା ସାମଲ, ମୋହନ ଦାଶ, ଅମରେନ୍ଦ୍ର ରାଉତ, ଅରବିନ୍ଦ ପଣ୍ଡା, ସମସ୍ତ ପିଏଲଭି ସଭ୍ୟସଭ୍ୟା ଯୋଗ ଦେଇଥିଲେ। ତାଲୁକ ଆଇନ ସେବା ସମିତି ପଟ୍ଟାମୁଣ୍ଡାଇ ପ୍ୟାନେଲ ଓକିଲ ମନୋଜ ନାୟକ ଧନ୍ୟବାଦ ଦେଇଥିଲେ।

ଡେରାବିଶ: ଚାନ୍ଦୋଳସ୍ଥ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ କାର୍ଯ୍ୟାଳୟରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ ସାମଲ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସଂଘ ପ୍ରତିଷ୍ଠାତା ତଥା ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ଯୋଗଦେଇ ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ସଂଘ ସଦାସର୍ବଦା ନିର୍ମାଣ ଶ୍ରମିକଙ୍କ ହିତ ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟ କରୁଥିବା ବେଳେ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ନାର୍ଯ୍ୟ ଦାବି ସରକାରଙ୍କ ପାଖରେ ଉପସ୍ଥାପନ କରି ସେମାନଙ୍କୁ ଏହି ସୁବିଧାରେ ସାମିଲ କରୁଛି ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ପ୍ରଦୀପ୍ତ ସାମଲ, ମହେଶ୍ୱର ନାୟକ, ଅକ୍ଷୟ ଲେଙ୍କା, ସୁକାନ୍ତ ବାରିକ, ଦିତିରଞ୍ଜନ ପଣ୍ଡା, ହୃଷିକେଶ ଧଳ, ସୁବାସ ସ୍ୱାଇଁ, କାର୍ତ୍ତିକ ବେହେରା, ଭଗବାନ ବେହେରା, ଅନିରୁଦ୍ଧ ପୃଷ୍ଟି, ଧିରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଭାତ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

